بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6 | ସଂଖ୍ୟା 07

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

18 ଫେବୃଆରୀ 2021    18 ତବ୍‌ଲିଗ୍ 1400 ହି.ଶ    05 ରଜବ୍ 1442 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

اِنۡ تُبۡدُوۡا خَیۡرًا اَوۡ تُخۡفُوۡہُ

اَوۡ تَعۡفُوۡا عَنۡ سُوۡٓءٍ

فَاِنَّ اللّٰہَ کَانَ عَفُوًّا قَدِیۡرًا ○

(النساء:150)

ଅନୁବାଦ- ଯଦି ତୁମେ କୌଣସି ପୁଣ୍ୟ କାର୍ଯ୍ୟକୁ ପ୍ରକାଶ କର ବା ଗୋପନ ରଖ, (କିମ୍ବା କାହାରି) କୁକାର୍ଯ୍ୟକୁ କ୍ଷମା କର ତେବେ (ମନେରଖ ଯେ) ଅଲ୍ଲାଃ (ଦୋଷ) ମାର୍ଜନାକାରୀ (ଓ) ସର୍ବ-ଶକ୍ତିମାନ । ।

*(ନିସା: ୧୫୦)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଆ:ବଂ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର ଆ:ବଂଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଆ:ବଂଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦ୍‌ସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ଇସ୍‌ଲାମ୍ ଏ ଦୁନିଆରୁ ବ୍ୟଭିଚାର ଓ ଅନୈତିକତାକୁ ଶେଷ କରିବାକୁ ଚାହିଁଥାଏ ତେଣୁ ସେ ଅନୁମତି ଦେଇଛି ଯେ ଏହିଭଳି ଆବଶ୍ୟକତାକୁ ଆଖି ଆଗରେ ରଖି ପୁରୁଷ ଏକାଧିକ ପତ୍ନୀ ଗ୍ରହଣ କରୁ । ଇସ୍‌ଲାମୀୟ ଶରିୟତ୍ ସେହି ବିଷୟ ଉପସ୍ଥାପନ କରିଥାଏ ଯାହା ମନୁଷ୍ୟର ଅନ୍ତର୍ନିହିତ ପ୍ରକୃତି ଓ ସ୍ୱଭାବ ଅନୁରୂପ ଓ ତାହା ପ୍ରତ୍ୟେକ କ୍ଷେତ୍ରରେ ମଣିଷର ଦକ୍ଷତାକୁ ପ୍ରତିପୋଷଣ କରିଥାଏ ।**

## ହଜରତ ମସିହ ମଉଦ ଆ:ସଙ୍କ ନୀତି ବାଣୀ

ଲୋକମାନେ ବହୁ ବିବାହକୁ ବିରୋଧ କରୁଛନ୍ତି ଏବଂ ଏ ଆପତି କରୁଛନ୍ତି ଯେ ଇସ୍‌ଲାମ୍ ପୁରୁଷମାନଙ୍କୁ ବହୁ ସଂଖ୍ୟକ ମହିଳାମାନଙ୍କୁ ବିବାହ କରିବାପାଇଁ ଅନୁମତି ଦେଇଛି, କିନ୍ତୁ ମୁଁ ଏଠାରେ କହିବାକୁ ଚାହୁଁଛି ଯେ ଏପରି କିଏ ଦାମ୍ଭିକ ଓ ସାହସୀ ଆପତିକାରୀ ଅଛି ଯିଏ ଆମକୁ ଏହା ଦେଖାଇପାରିବ ଯେ ପବିତ୍ର କୁର୍‌ଆନ୍ ଏ ନିର୍ଦ୍ଦେଶ ଦେଇଛି କି ନିଶ୍ଚିତ ରୂପେ ଏକାଧିକ ମହିଳାମାଙ୍କୁ ବିବାହ କର ବୋଲି । ହଁ ଏହା ସତ କଥା ଏବଂ ବିଲ୍‌କୁଲ୍ ସ୍ୱାଭାବିକ କଥା ଯେ ଅଧିକାଂଶ ସମୟ ମଣିଷକୁ ଏହାର ଆବଶ୍ୟକତା ହୋଇଥାଏ ଯେ ସେ ଏକରୁ ଅଧିକା ପତ୍ନୀ ଗ୍ରହଣ କରୁ । ଉଦାହରଣ ସ୍ୱରୂପ ଯଦି ମହିଳା ଅନ୍ଧ ହୋଇଯାଏ ବା ଅନ୍ୟ କୌଣସି ବିପଜ୍ଜନକ ରୋଗରେ ପୀଡ଼ିତ ହୋଇ ତା'ର ଏପରି ଅବସ୍ଥା ହୋଇଯାଏ ଯେ ସେ ଘରର କାମକୁ ତୁଲାଇବାରେ ଅସମର୍ଥ ହୁଏ ଏବଂ ପୁରୁଷ ସହାନୁଭୂତି ଦେଖାଇ ଏହା ମଧ୍ୟ ଚାହେଁ ନାହିଁ ଯେ ତାକୁ ଅଲଗା କରିଦେଉ । ସେହିଭଳି ପତ୍ନୀ ଗର୍ଭାଶୟ ଜନିତ ବିପଦପୂର୍ଣ୍ଣ ରୋଗରେ ପିଡ଼ିତ ହୋଇ ଯଦି ପୁରୁଷର ଶାରୀରିକ ଆବଶ୍ୟକତାକୁ ପୂରଣ କରିପାରୁନାହିଁ ତେବେ ଏଭଳି ପରିସ୍ଥିତିରେ ଯଦି ଦ୍ୱିତୀୟ ବିବାହ ପାଇଁ ଅନୁମତି ନ ମିଳେ ତେବେ ବତାଇ ଦିଅ ଯେ କ'ଣ ଏହାଦ୍ୱାରା ବ୍ୟଭିଚାର ଏବଂ ଅନୈତିକତାକୁ ପ୍ରୋତ୍ସାହନ ମିଳିବ କି ନାହିଁ? ପୁଣି ଯଦି କୌଣସି ଧର୍ମ ବା ଶରିୟତ୍ ବହୁ ବିବାହକୁ ରୋକେ ତେବେ ନିଶ୍ଚିତ ରୂପେ ତାହା ବ୍ୟଭିଚାର ଓ ଅନୈତିକତାକୁ ସମର୍ଥନ କରିଥାଏ କିନ୍ତୁ ଇସ୍‌ଲାମ୍ ବ୍ୟଭିଚାର ଓ ଅନୈତିକତାକୁ ଏ ଜଗତରୁ ଶେଷ କରିବାକୁ ଚାହୁଁଛି ଏବଂ ଏ ଅନୁମତି ଦେଇଛି ଯେ ଏଭଳି ଆବଶ୍ୟକତାକୁ ଆଖି ଆଗରେ ରଖି ପୁରୁଷ ଏକାଧିକ ପତ୍ନୀ ଗ୍ରହଣ କରୁ । ସେହିଭଳି ସନ୍ତାନ ପ୍ରାପ୍ତି ନ ହେବା ଯୋଗୁଁ (ଏକାଧିକ ପତ୍ନୀ କରିବାର ଅନୁମତି ଅଛି) । ଏପରି ମଧ୍ୟ ହୋଇଥାଏ ଯେ ସନ୍ତାନ ନଥିବା ଯୋଗୁଁ ପରିବାରରେ ଅନେକ ବିବାଦ ଉପୁଜେ ଓ ହତ୍ୟା ଏବଂ ରକ୍ତପାତ ମଧ୍ୟ ହୋଇଥାଏ । ତେଣୁ ପୁରୁଷ ପାଇଁ ଏହା ଜରୁରୀ ଯେ ସେ ଏକାଧିକ ବିବାହ କରି ସନ୍ତାନ ପ୍ରାପ୍ତ କରୁ ବରଂ ଏହିଭଳି ପରିସ୍ଥିତିରେ ପୂଣ୍ୟବତୀ ଓ ଭଦ୍ର ପତ୍ନୀମାନେ ନିଜେ ହିଁ ଅନୁମତି ଦେଇଦିଅନ୍ତି । ଅତଏବ ଜଣେ ଲୋକ ଏ ବିଷୟ ଯେତେ ଚିନ୍ତନ କରିବ ତାହା ତାକୁ ଅଧିକ ସ୍ପଷ୍ଟ ଓ ଯୁକ୍ତିଯୁକ୍ତ ଦେଖାଯିବ । ଇସାଇମାନଙ୍କର ଏହି ଅନୁମତିକୁ ସମାଲୋଚନା କରିବାର କୌଣସି ଅଧିକା ନାହିଁ କାରଣ ସେମାନେ ଯାହାଙ୍କୁ ନବୀ ବା ଭବିଷ୍ୟବକ୍ତା ମଣୁଛନ୍ତି ବରଂ ହଜରତ୍ ମସିହ୍ ଆ:ସ (ଯୀଶୁ ଖ୍ରୀଷ୍ଟ)ଙ୍କ ଅନୁଯାୟୀମାନେ ମଧ୍ୟ ସାତ ସାତ ଶହ ଓ ତିନି ତିନି ଶହ ପତ୍ନୀଙ୍କୁ ବିବାହ କରିଥିଲେ । ଯଦି ସେମାନେ କହନ୍ତି ଯେ ଏପରି ଲୋକେ ପାପୀ ଏବଂ ଅପରାଧି ଥିଲେ ବୋଲି ତା'ହେଲେ ସେମାନଙ୍କୁ ଏହାର ଉତର ଦେବା କଷ୍ଟକର ହୋଇଯିବ ଯେ ସେମାନଙ୍କର (ଅର୍ଥାତ ସେହି ନବୀ ଓ ଭବିଷ୍ୟତ ବକ୍ତାମାନଙ୍କର) ଐଶିବାଣୀଗୁଡ଼ିକ କିପରି ଈଶ୍ୱରଙ୍କ ଐଶିବାଣୀ ହୋଇପାରେ ?.......

ସେହିଭଳି ଦାସତ୍ୱ ଏବଂ ଜିହାଦ୍ ସମ୍ବନ୍ଧରେ ସେମାନଙ୍କର ଆପତି ଅଭିଯୋଗ ମଧ୍ୟ ଭିତିହୀନ କାରଣ ତୌରିୟତ୍‌ରେ ଏହିପରି ଯୁଦ୍ଧର ଏକ ଲମ୍ବା କ୍ରମ ଚାଲିଥିବାର ବର୍ଣ୍ଣିତ ଅଛି । କିନ୍ତୁ ଇସ୍‌ଲାମୀୟ ଯୁଦ୍ଧଗୁଡ଼ିକ ପ୍ରତିରକ୍ଷାମୂଳକ ଥିଲା ଓ ତାହା କେବଳ ଦଶ ବର୍ଷ ମଧ୍ୟରେ ହିଁ ଶେଷ ହୋଇଯାଇଥିଲା । ମୁଁ ଆତ୍ମବିଶ୍ୱାସରେ କହୁଅଛି ଯେ ମୁଁ ଏ ବିଷୟ ସେମାନଙ୍କ ଶାସ୍ତ୍ରରୁ ବାହାର କରି ଉପସ୍ଥାପନ କରିପାରିବି ଏବଂ ସେହିଭଳି ମୁଁ ଏକଥା ଆତ୍ମବିଶ୍ୱାସର ସହିତ ଘୋଷଣା କରୁଅଛି ଯେ ସମସ୍ତ ସତ୍ୟତା ପବିତ୍ର କୁର୍‌ଆନ୍ ମଧ୍ୟରେ ମହଜୁଦ୍ ରହିଛି । ଯଦି ଜଣେ ମୁଦେଇ ଏପରି ସତ୍ୟତା ଉପସ୍ଥାପନ କରିବାକୁ ଚାହେଁ ଯାହା ପବିତ୍ର କୁର୍‌ଆନ୍‌ରେ ମିଳୁନାହିଁ ତେବେ ମୁଁ ସେହି ସତ୍ୟତାକୁ ପବିତ୍ର କୁର୍‌ଆନ୍‌ରେ ଦର୍ଶାଇବାକୁ ପ୍ରସ୍ତୁତ ଅଛି । ଇସ୍‌ଲାମୀୟ ଶରିୟତ୍ ସେହି ବିଷୟ ଉପସ୍ଥାପନ କରିଥାଏ ଯାହା ମନୁଷ୍ୟର ଅନ୍ତର୍ନିହିତ ପ୍ରକୃତି ଓ ସ୍ୱଭାବ ଅନୁରୂପ ଓ ତାହା ପ୍ରତ୍ୟେକ କ୍ଷେତ୍ରରେ ମଣିଷର ଦକ୍ଷତାକୁ ପ୍ରତିପୋଷଣ କରିଥାଏ । ତା'ଉପରେ କୌଣସି ଆପତି ଅଭିଯୋଗ ହୋଇନପାରେ । ହଁ! ଅନ୍ୟଧର୍ମଗୁଡ଼ିକ ଉପରେ ଇସ୍‌ଲାମ୍‌ର ଯେଉଁ ଆପତି ଅଭିଯୋଗ ରହିଛି, ସେମାନେ ତାହାର ଉତର ଦେଇପାରିବେ ନାହିଁ । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୫୮ ପ୍ରକାଶନ୨୦୧୮ କାଦିୟାନ)***

**ମୁସଲମାନ୍‌ମାନେ ଗୋଟିଏ ସମୟରେ ନିଜ ସନ୍ତାନମାନଙ୍କୁ ପ୍ରଶିକ୍ଷଣ ଦେବାପାଇଁ ଥିବା କର୍ତ୍ତବ୍ୟର ଅବହେଳା କଲେ ଏବଂ ସେମାନଙ୍କର ଅନାବଶ୍ୟକ ପ୍ରେମ ତାଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କଲା ବା ସେମାନେ ବିବାହ କରିବା ବେଳେ ସଚେତନତା ଅବଲମ୍ବନ କଲେନାହିଁ ଏବଂ ଏପରି ମହିଳାମାନଙ୍କୁ ବିବାହ ହେଲେ ଯେଉଁମାନେ ଇସ୍‌ଲାମୀୟ ପ୍ରଶିକ୍ଷଣ ନିମନ୍ତେ ଯୋଗ୍ୟତା ନଥିଲା ଫଳତଃ ସେହି ମହାନ ଅଟ୍ଟାଳିକା ଯାହା ରସୁଲୁଲ୍ଲାଃ ସ:ଆ:ସଙ୍କ ସାହାବାମାନଙ୍କ ହାତରେ ନିର୍ମାଣ କରାଯାଇଥିଲା ତାହା ନିଜ ମୂଳଦୁଆ ଉପରେ ହିଁ ଭୁଷୁଡ଼ି ପଡ଼ିଲା**

ସୟଦନା ହଜରତ୍ ମୁସ୍‌ଲେହ ମଉଦ୍ ର:ଅ ସୁରଃ ୟୁନୁସ୍‌ର ଆୟତ ନଂ-୧୫ **ଯାଅଲ୍‌ନାକୁମ୍ ଖଲାଇଫା ଫିଲ୍ ଅର୍‌ଜି ମିମ୍ ବାଆଦିହିମ୍ ଲିନନ୍‌ଜୁରା କୈଫା ତାଅମଲୁନ୍** ର ବ୍ୟାଖ୍ୟା କରି କହୁଛନ୍ତି:

କର୍ମ ହେଉଛି ଦୁଇ ପ୍ରକାରର । ଗୋଟିଏ କର୍ମ ହେଉଛି ତାହା ଯାହା ମଣିଷକୁ ଆଶୀର୍ବାଦ ପାଇବା ପାଇଁ ଯୋଗ୍ୟ ବନାଇଥାଏ ଏବଂ ଦ୍ୱିତୀୟ କର୍ମ ହେଉଛି ତାହା ଯାହା ଆଶୀର୍ବାଦ ମିଳିବା ପରେ ତାକୁ ବଜାୟ ରଖିବା ପାଇଁ କରିବା ଜରୁରୀ ହୋଇଥାଏ । ଅନେକ ବିଦ୍ୟାର୍ଥୀ ପାଠପଢ଼ାରେ ବହୁତ ଯତ୍ନବାନ ଥା'ନ୍ତି କିନ୍ତୁ ଯେବେ ଜୀବନର ସଂଘର୍ଷରେ

## ନବୀ ସ:ଆ:ସଙ୍କ ବାଣୀ

**ସଫର୍ (ଯାତ୍ରା କରିବା ସମୟ)ରେ ବିଳମ୍ବରେ ନମାଜ ଯମା କରିବା**

(୧୦୯୧) ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ: ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଦେଖିଛି ଯେ ଯେତେବେଳେ ତାଙ୍କୁ ଯାତ୍ରା କରିବା ପାଇଁ ଶିଘ୍ର ବାହାରିବାକୁ ପଡ଼େ ସେତେବେଳେ ସେ ମଗ୍‌ରିବ୍ ନମାଜକୁ ବିଳମ୍ବରେ ପଢୁଥିଲେ ଏବଂ ମଗ୍‌ରିବ୍ ଓ ଇଶା ନମାଜ ଏକାଠି ପଢୁଥିଲେ । ସାଲିମ୍ କହିଲେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ (ବିନ୍ ଉମର୍ ର:ଅ) ମଧ୍ୟ ସେହିଭଳି କରୁଥିଲେ ଯେତେବେଳେ ତାଙ୍କୁ ଶିଘ୍ର ଶିଘ୍ର ଯାତ୍ରା କରିବାକୁ ପଡୁଥିଲା ।

**ବାହନ ଉପରେ ନଫଲ୍ ନମାଜ ପଢ଼ିବା**

(୧୦୯୩) ହଜ୍‌ରତ୍ ଆମୀର ବିନ୍ ରବିଆ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ସେ ନବୀ ସ:ଆ:ସଙ୍କୁ ଦେଖିଛନ୍ତି ଯେ ମହାଭାଗ ସ:ଆ:ସ ନିଜ ଓଟ ଉପରେ ସେହିଆଡ଼କୁ ମୁହଁ କରି ନମାଜ ପଢୁଥିଲେ ଯେଉଁ ଆଡ଼କୁ ସେ ମହାଭାଗ ସ:ଆ:ସଙ୍କୁ ନେଇ ଯାଉଥିଲା ।

**ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଫର୍ଜ (ଧାର୍ଯ୍ୟ) ନମାଜ ପାଠ କରିବାପାଇଁ ବାହନରୁ ଓହ୍ଲାଇ ପଢୁଥିଲେ**

(୧୦୯୭) ହଜ୍‌ରତ୍ ଆମୀର୍ ବିନ୍ ରବିଆ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ସେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଦେଖିଛନ୍ତି । ମହାଭାଗ ସ:ଆ:ସ ନିଜ ଓଟ ଉପରେ ନଫଲ୍ ନମାଜ ପଢୁଥିଲେ । (ରୁକୁ ଏବଂ ସିଜ୍‌ଦାଃ) ନିଜ ମୁଣ୍ଡର ଇସାରା ଦ୍ୱାରା କରୁଥିଲେ । ମହାଭାଗ ସ:ଆ:ସଙ୍କ ମୁଖ ସେହି ଆଡ଼କୁ ରହୁଥିଲା ଯେଉଁ ଆଡ଼କୁ ଓଟର ମୁହଁ ରହୁଥିଲା ଏବଂ ରସୁଲୁଲ୍ଲାଃ ସ:ଆ:ସ ଫର୍ଜ ନମାଜ ପଢ଼ିବା ବେଳେ ଏପରି କରୁନଥିଲେ ।

***(ସହି ବୁଖାରୀ, ଖଣ୍ଡ-୨, କିତାବ୍ ତଫ୍‌ସିରୁଲ୍ ସଲାତ୍ ମୁଦ୍ରଣ କାଦିଆନ୍ ୨୦୦୬)***

ଆସିଥାନ୍ତି, ସେତେବେଳେ ସମ୍ପୂର୍ଣ୍ଣରୂପେ ଅସଫଳ ହୋଇଥାନ୍ତି । ଏହିପରି ଅବସ୍ଥା ଜାତି/ସମ୍ପ୍ରଦାୟ ଗୁଡ଼ିକର ହୋଇଥାଏ । କିଛି ସମ୍ପ୍ରଦାୟ ସମୃଦ୍ଧି ଓ ଗୌରବ ମିଳିବା ପୂର୍ବରୁ ବହୁତ ଉତମ ଉଦାହରଣ ଦେଖାଇଥାନ୍ତି କିନ୍ତୁ ଯେତେବେଳେ ହାତକୁ ଶାସନ ମିଳିଯାଏ ସେତେବେଳେ ଉତମତାର ମାନ ବଜାୟ ରଖିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇଯାଏ ।

ଦ୍ୱିତୀୟତଃ ଏହି ବାକ୍ୟକୁ ଏଥିପାଇଁ ମଧ୍ୟ ବଢ଼ାଇ ଦିଆଯାଇଅଛି ଯେ ମଣିଷର କର୍ମ ଦୁଇ ପ୍ରକାରର । ଗୋଟିଏ ହେଉଛି ଖୁଦ୍ ସୁକର୍ମ ଓ ଦ୍ୱିତୀୟଟି ହେଉଛି ଏପରି କର୍ମ ଯାହା ସୁକର୍ମ/ଉତମକର୍ମକୁ ବଜାୟ ରଖିଥାଏ । ଅତଃ ଏହି ବାକ୍ୟକୁ ବଢ଼ାଇବାର ଅର୍ଥ ହେଉଛି ଏହା କି ତୁମର ନିଜସ୍ୱ ପୂଣ୍ୟ/ସୁକର୍ମ ଯୋଗୁଁ ଆମ୍ଭେ ତୁମକୁ **ଖୁଲଫାଆ ଫିଲ୍ ଅର୍ଜ** ଅର୍ଥାତ ପୃଥିବୀର ଉତରାଧିକାରୀ ବନାଇଥିଲୁ । ତା'ପରେ ଆମେ ଏହା ଦେଖିବାକୁ ଚାହୁଁଥିଲୁ ଯେ ତୁମେ ଏହି ସମସ୍ତ କର୍ମକୁ କିପରି ସମ୍ପାଦନ କରୁଛ ଯେଉଁମାନେ ପୂଣ୍ୟକର୍ମର ରକ୍ଷକ । ସତ୍ୟ ହେଉଛି ଏହା କି ପୂଣ୍ୟକର୍ମ ତୁଳନାରେ ବହୁତ ଅଧିକ କଷ୍ଟସାଧ ହେଉଛି ସେହି କର୍ମ ଯାହା ପୂଣ୍ୟକୁ ବଜାୟ ରଖିଥାଏ । ଜାତି/ସମ୍ପ୍ରଦାୟଗୁଡ଼ିକର ବିନାଶର କାରଣ ହେଉଛି ଏହା କି ସେମାନେ ଉନ୍ନତି କରିବାପାଇଁ ଚେଷ୍ଟା ତ କରିଥାନ୍ତି କିନ୍ତୁ ତାହାକୁ ବଜାୟ ରଖିବାପାଇଁ ପ୍ରଚେଷ୍ଟା କରିନଥାନ୍ତି । ନିଜର ତକ୍‌ୱା (ଧର୍ମ ପରାୟଣତା)କୁ ଧ୍ୟାନ ଦେଇଥାନ୍ତି କିନ୍ତୁ ସନ୍ତାନମାନଙ୍କର ଚରିତ୍ରଗଠନ ପ୍ରତି ଧ୍ୟାନ ଦେଇନଥାନ୍ତି । ଫଳତଃ ସେମାନଙ୍କର ପୂଣ୍ୟର ସ୍ତର ପତନ ହେବାକୁ ଲାଗେ ଏପରି କି ଶେଷରେ ବାକ୍ୟ ରହିଯାଏ କିନ୍ତୁ ବାସ୍ତବତା ହଜିଯାଇଥାଏ । ଯେହେତୁ ଏହି ପରିବର୍ତନ ଅନେକ ପିଢ଼ିରେ ହୋଇଥାଏ ତାହାର ଅନୁଭବ ମଧ୍ୟ ହୋଇନଥାଏ ତେଣୁ ଶେଷରେ ଜାତି/ସମ୍ପ୍ରଦାୟ ବିନାଶର ଗର୍ତ ଭିତରେ ପଡ଼ିଯାଏ । ଅତଏବ ଏହି ବାକ୍ୟରେ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଯାଇଅଛି ଯେ ଏବେ ଆମେ ଦେଖିବୁ ଯେ ତୁମେ ନିଜର ଖିଲାଫତ୍‌କୁ କେତେ ଦିନ ପର୍ଯ୍ୟନ୍ତ ବଜାୟ ରଖୁଛ ।

ଯଦି ମୁସଲମାନ ଏହି ଅନନ୍ୟ ବିଷୟ ଉପରେ ଧ୍ୟାନ ଦେଇଥାନ୍ତେ ତେବେ ଆଜି ସେମାନଙ୍କର ଏ ଦୁର୍ଦ୍ଦଶା ହୋଇନଥାନ୍ତା । ସେମାନେ ଗୋଟିଏ ସମୟରେ ନିଜ ସନ୍ତାନମାନଙ୍କୁ ପ୍ରଶିକ୍ଷଣ ଦେବାପାଇଁ ଥିବା କର୍ତବ୍ୟର ଅବହେଳା କଲେ ଏବଂ ସେମାନଙ୍କର ଅନାବଶ୍ୟକ ପ୍ରେମ ତାଙ୍କ ଉପେର ପ୍ରଭୁତ୍ୱ ବିସ୍ତାର କଲା ବା ସେମାନେ ବିବାହ କରିବା ବେଳେ ସଚେତନତା। ଅବଲମ୍ବନ କଲେନାହିଁ ଏବଂ ଏପରି ମହିଳାମାନଙ୍କୁ ବିବାହ ହେଲେ ଯେଉଁମାନେ ଇସ୍‌ଲାମୀୟ ପ୍ରଶିକ୍ଷଣ ନିମନ୍ତେ ଯୋଗ୍ୟତା ନଥିଲା ଫଳତଃ ସେହି ମହାନ ଅଟ୍ଟାଳିକା ଯାହା ରସୁଲୁଲ୍ଲାଃ ସ:ଆ:ସଙ୍କ ସାହାବାମାନଙ୍କ ହାତରେ ନିର୍ମାଣ କରାଯାଇଥିଲା ତାହା ନିଜ ମୁଳଦୁଆ ଉପରେ ହିଁ ଭୁଷୁଡ଼ି ପଡ଼ିଲା **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହେ ରାଜେଉନ୍** ଏପରି ଜାତି ଯାହାକୁ ଖୁଦାତାଲା ଇସ୍‌ଲାମ୍‌ର ଉନ୍ନତି ପାଇଁ ନିର୍ବାଚିତ କରିଛନ୍ତି ଯଦି ସେ ଆଗକୁ ଏକଥା ପ୍ରତି ଧ୍ୟାନ ଦେବ ତେବେ ଇନ୍‌ଶାଅଲ୍ଲାଃ ଦୁନିଆରେ ଏକ ମହାନ ପରିବର୍ତନ ସୃଷ୍ଟି ହୋଇପାରିବ । ରସୁଲେ କରିମ୍ ସ:ଆ:ସ ମଧ୍ୟ ଏହି କର୍ତବ୍ୟ ପ୍ରତି ଇସାରା କରିଛନ୍ତି କି ***କୁଲ୍ଲୁକୁମ୍ ରାଇନ୍ ଓ୍ୱ କୁଲ୍ଲୁକୁମ୍ ମସ୍‌ଉଲୁନ୍ ଅନ୍ ରଇୟତିହି*** । ଅର୍ଥାତ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ନିଜର ଦାୟିତ୍ୱ ତୁଲାଇବା ସହିତ ଅନ୍ୟ କେତେକ ଅସ୍ତିତ୍ୱ ପାଇଁ ମଧ୍ୟ ଦାୟୀ । ଅଲ୍ଲାଃ ତାଲା କେବଳ ତାକୁ ଏତିକି ପଚାରିବେ ନାହିଁ ଯେ ତୁମେ କଣ କର୍ମ କରିଛ ବରଂ ଏହା ମଧ୍ୟ ପଚାରିବେ ଯେ ଯାହାଙ୍କ ଦାୟିତ୍ୱ ତୁମ ମୁଣ୍ଡ ଉପରେ ଥିଲା, ସେମାନଙ୍କୁ ତୁମେ କଣ ଯୋଗ୍ୟ କଲ ? ଅତଏବ ଖାଲି ନିଜର ଶାରିରୀକ ପବିତ୍ରତା ମଣିଷର କାମରେ ଆସିନଥାଏ ।

***(ତଫ୍‌ସୀର୍ କବୀର, ଖଣ୍ଡ-୩, ପୃ-୪୧-୪୨....୨୦୧୦)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

କାର୍ଯ୍ୟରେ ସହଯୋଗ କରିଛନ୍ତି । ସେହିଭଳି ଯମାତ୍ ଅହେମଦୀୟା ମଧ୍ୟ ପ୍ରଥମ ଦିନରୁ ହିଁ ସମସ୍ତଙ୍କ ସହିତ ଉତମ ଯୋଗାଯୋଗ ରଖିଛି । ଏବେ ମସ୍‌ଜିଦ୍ ତିଆରି ହେବା ପରେ ମଧ୍ୟ ଏକଥା ଜରୁରୀ ଅଟେ ଯେ, ଆପଣମାନେ ସମସ୍ତେ ଆପୋଷରେ ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ସହିତ ମିଳିମିଶି ରୁହନ୍ତୁ ।

ତା'ପରେ ଠିକ୍ ୭:୨୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜର ବକ୍ତବ୍ୟ ପ୍ରଦାନ କଲେ ।

**ହଜୁର ଅନଓ୍ୱର ଅ:ବ:ଅଙ୍କ ଭାଷଣ**

ହଜୁର ଅନଓ୍ୱର ଅ:ବ:ଅ ତଶ୍‌ହୁଦ୍, ତଉଜ୍ ଏବଂ ତସ୍‌ମିୟା ପାଠ ପରେ କହିଲେ, ଉପସ୍ଥିତ ସମସ୍ତ ସମ୍ମାନନୀୟ ଅତିଥିଗଣ ଅସ୍‌ସଲାମୋ ଆଲୈକୁମ୍ ଓ୍ୱ ରହ୍‌ମତୁଲ୍ଲାହି ଓ୍ୱ ବର୍‌କାତୁହୁ ।

ଅଲ୍ଲାଃ ତାଲା ଆପଣ ସମସ୍ତଙ୍କୁ ସର୍ବଦା ଶାନ୍ତିରେ ରଖନ୍ତୁ । ଆଜି ଯମାତ୍ ଅହେମଦୀୟା ଏହି ହଲ୍‌ରେ ଏହି ଫଙ୍କ୍‌ସନ୍‌କୁ ଏଥିପାଇଁ ଅନୁଷ୍ଠିତ କରୁଅଛି ଯେ, ଏହି ସହରରେ ଯମାତ୍ ଅହେମଦୀୟାକୁ ଗୋଟିଏ ମସଜିଦ୍ ନର୍ମାଣ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି ଏବଂ ଏହାପରେ ଯମାତ୍ ଅହେମଦୀୟା ପାଇଁ କେବଳ ଏକ ଧାର୍ମିକ ଫଙ୍କ୍‌ସନ୍ ଅଟେ ଓ ଆନନ୍ଦର କାରଣ ଅଟେ । କିନ୍ତୁ ମତେ ଏହା ଦେଖି ବହୁତ ଖୁସି ଲାଗୁଛି ଯେ, ଏହି ସହରର ଲୋକ ମଧ୍ୟ ଖୋଲା ହୃଦୟର ସହିତ ଯମାତ୍ ଅହେମଦୀୟାର ଏହି ଧାର୍ମିକ ଫଙ୍କସନ୍‌ରେ ସାମିଲ ହୋଇଛନ୍ତି । ଆଜି ମତେ ଆପଣମାନଙ୍କର ଯେଉଁ ଚେହେରା ଦୃଷ୍ଟିଗୋଚର ହେଉଅଛି ତାହା ଏକଥାର ପ୍ରମାଣ ଯେ, ଆପଣମାନେ ଯେଉଁମାନେ ଏ ସହରର ଅଧିବାସୀ ବହୁତ ଖୋଲାମନ ଓ ଖୋଲା ହୃଦୟର ଅଟନ୍ତି ।

ମସ୍‌ଜିଦ୍‌ର ନମା ଶୁଣି ବେଳେବେଳେ ଲୋକମାନଙ୍କ ମଧ୍ୟରେ ଶଙ୍କା ସୃଷ୍ଟି ହୋଇଯାଇଥାଏ ଯଦିଚ ଏହି ସହରରେ ବିଭିନ୍ନ ପ୍ରକାରର ଲୋକ ବସବାସ କରୁଛନ୍ତି, ବିଭିନ୍ନ ମୁସଲମାନ ଫିର୍କା ଲୋକମାନେ ମଧ୍ୟ ଅଛନ୍ତି । ଏହା ସତ୍ୱେ ମଧ୍ୟ ମୁସଲମାନମାନଙ୍କ ଉପରେ ଯେଉଁ ଶଙ୍କା ରହିଛି ତାହା ଅଣମୁସ୍‌ଲିମ୍ ଲୋକମାନଙ୍କ ମଧ୍ୟରେ ସୃଷ୍ଟି ହେଉଅଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ମସ୍‌ଜିଦ୍ ତିଆରି କରିବାର ଅସଲ ଉଦ୍ଦେଶ୍ୟ ହେଉଛି ଏହା କି ଏପରି ଏକ ସ୍ଥାନ ଉପଲବ୍ଧ ହୋଇଯାଉ ଯେଉଁଠି ଆମେ ଉପାସନା କରିପାରିବା । ନିଜ ଧର୍ମୀୟ ଶିକ୍ଷା ମୁତାବକ ଏକ ଈଶ୍ୱରଙ୍କ ଉପାସନା କରିପାରିବା । ପାଶ୍ଚାତ୍ୟ ଦେଶଗୁଡ଼ିକରେ କିଛି ଲୋକମାନେ, ଅଣମୁସ୍‌ଲିମ୍ ରାଷ୍ଟ୍ରଗୁଡ଼ିକ ମଧ୍ୟ ଏକଥା ଭାବୁଛନ୍ତି ଯେ, ବୋଧ ହୁଏ ମସ୍‌ଜିଦ୍ ଭିତରେ କିଛି ଖରାପ କାମ କରିବାର ଯୋଜନା ହୋଇଥାଏ । ଏଠାକୁ କିଛି ଚରମପନ୍ଥୀମାନେ ମଧ୍ୟ ଆସିପାରନ୍ତି । କିନ୍ତୁ ପବିତ୍ର କୋରାନ୍ ମସ୍‌ଜିଦ୍‌ର ଯେଉଁ ଉଦ୍ଦେଶ୍ୟ ରହିଛି ତାହା ହେଉଛି ଏହା କି, ସେଠାରେ ଏକ ଈଶ୍ୱରଙ୍କ ଉପାସନା ନିମନ୍ତେ ଲୋକେ ଏକତ୍ରିତ ହୁଅନ୍ତୁ ଏବଂ ପୁଣି ଏହା ମଧ୍ୟ ବତାଯାଇଛି ଯେ, ତୁମର ଉପାସନା ମଧ୍ୟ ଏପରି ହେବା ଉଚିତ ଯଦ୍ୱାରା ଖୁଦାତାଲାଙ୍କ ପ୍ରତି ଥିବା କର୍ତବ୍ୟ ସହିତ ପ୍ରାଣୀ ଜଗତର ଅଧିକାର ମଧ୍ୟ ପ୍ରଦାନ କରୁଥିବ । ସେଥିପାଇଁ ପବିତ୍ର କୋରାନ୍ ବହୁତ ସ୍ପଷ୍ଟରୂପେ ଏକଥା କହିଦେଉଛି ଯେ, ଏପରି ଲୋକମାନଙ୍କର ନମାଜକୁ ଫେରାଇ ଦିଆଯାଇଥାଏ ବା ସେମାନଙ୍କ ପାଇଁ କ୍ଷତି ହୋଇଥାଏ ଏବଂ ସେମାନଙ୍କର ଧ୍ୱଂସର କାରଣ ହୋଇଥାଏ ଯେଉଁମାନେ ଅନଥାମାନଙ୍କର ଧ୍ୟାନ ରଖୁନାହାନ୍ତି, ଗରିବମାନଙ୍କର ଧ୍ୟାନ ରଖୁନାହାନ୍ତି, ଅସହାୟ ବ୍ୟକ୍ତିଙ୍କର ଧ୍ୟାନ ରଖୁନାହାନ୍ତି ଓ କୌଣସି ଦୃଷ୍ଟିକୋଣରୁ ମଧ୍ୟ ମାନବିକ ଅଧିକାର ପ୍ରତି ଧ୍ୟାନ ଦେଉନାହାନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଏଠାରେ ଗୋଟିଏ କଥା ସ୍ପଷ୍ଟ ହେବା ଉଚିତ ଯେ, ଜଣେ ପ୍ରକୃତ ମୁସଲମାନ ଯେତେବେଳେ ମସ୍‌ଜିଦ୍‌ର ନାମ ଉଚ୍ଚାରଣ କରିଥାଏ ସେତେବେଳେ ସେ ଗୋଟିଏ ଏପରି ଅଟ୍ଟାଳିକାର ନାମ ଉଚ୍ଚାରଣ କରିଥାଏ । ଯାହା ମଧ୍ୟରେ ଯାଇ ସେ ଏକ ଈଶ୍ୱରଙ୍କ ଉପାସନା କରିପାରିବ ଏବଂ ଯେଉଁଠି ନିଜ ପାଇଁ ପ୍ରାର୍ଥନା କରିବ ଓ ଈଶ୍ୱରଙ୍କଠାରୁ ସାହାଯ୍ୟ ଭିକ୍ଷା କରିବ ଏବଂ ସେଠାରେ ଏ ପୃଥିବୀବାସୀଙ୍କ ପାଇଁ ମଧ୍ୟ ଏ ପ୍ରାର୍ଥନା କରିବ ଯେ, ଏ ପୃଥିବୀରେ ଓ ଏ ପରିବେଶରେ ମଧ୍ୟ ଶାନ୍ତି ଓ ସୁରକ୍ଷା ସୃଷ୍ଟି ହେଉ । ସେଥିପାଇଁ ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା ଯାହାଙ୍କୁ ମସିହ ମଉଦ୍ ଆ:ସ ରୂପେ ମାନିଥାଉ ସେ କହିଛନ୍ତି ଯେ, ଯଦି କୌଣସି ଇଲାକାରେ ଇସ୍‌ଲାମ୍‌ର ପରିଚୟ ଦେବାକୁ ଚାହୁଁଛନ୍ତି ତେବେ ସେଠାରେ ମସ୍‌ଜିଦ୍ ନିର୍ମାଣ କରନ୍ତୁ । ଏବେ ଇସ୍‌ଲାମ୍‌ର ପରିଚୟ ଯଦି କୌଣସି ଖରାପ କାର୍ଯ୍ୟ ପାଇଁ ହେବ ତେବେ ତାହାର କୌଣସି ଲାଭ ନାହିଁ । ଯଦି ଇସ୍‌ଲାମ୍‌ର ପରିଚୟ ଏହା ହେବ ଯେ, ଏହି ମସ୍‌ଜିଦ୍‌ର ଲୋକମାନେ ସନ୍ତ୍ରାଷବାଦର ଯୋଜନା ତିଆରି କରୁଛନ୍ତି ତେବେ ତାହାର କିଛି ଲାଭ ନାହିଁ । ବରଂ କ୍ଷତି ହେବ । ପରିଚୟ ତ ସେତେବେଳେ ହୋଇପାରିବ ଓ ପରିଚୟର କଥା ତ ମଣିଷ ସେତେବେଳେ କରିବ ଯେତେବେଳେ ତାହାର ସୁଗୁଣକୁ ବର୍ଣ୍ଣନା କରିବ । ତେଣୁ ଯେତେବେଳେ ମସ୍‌ଜିଦ୍ ନିର୍ମାଣ ହୋଇଥାଏ ସେତେବେଳେ ଲୋକମାନେ ଏକଥା ଦେଖିଥାନ୍ତି ଯେ, ଏହି ମୁସଲମାନମାନେ କେଉଁ ପ୍ରକାରର ଲୋକେ ଏବଂ ପ୍ରକୃତ ମୁସଲମାନମାନଙ୍କର ଯେଉଁ ମସ୍‌ଜିଦ୍ ରହିଛି ତାହା ଲୋକମାନଙ୍କ ପାଇଁ ଏକଥା ପ୍ରକାଶ କରିଥାଏ ଯେ ଏହି ମସ୍‌ଜିଦ୍‌କୁ ଯେଉଁ ଲୋକମାନେ ଆସିଥାନ୍ତି ସେମାନେ ଅନ୍ୟମାନଙ୍କର ଧ୍ୟାନ ମଧ୍ୟ ରଖିଥାନ୍ତି ଏମାନେ କେବଳ ଉପାସନା କରିବାପାଇଁ ଆସିନାହାନ୍ତି ବରଂ ଆପୋଷରେ ଜଣେ ଅନ୍ୟଜଣଙ୍କର ଧ୍ୟାନ ରଖିଥାନ୍ତି ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ରସୁଲୁଲ୍ଲାଃ ସ:ଆ:ସ କହିଛନ୍ତି ଯେ ଯିଏ ଅଲୀଙ୍କୁ ଭଲପାଏ ସେ ମତେ ଭଲପାଏ ଏବଂ ଯିଏ ମତେ ଭଲପାଏ ସେ ଖୁଦାଙ୍କୁ ଭଲପାଏ**

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ୍ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ଏବଂ ଖ୍ୱାଇଁ ଅବୁତୁରାବ୍ ହଜ୍‌ରତ୍ ଅଲୀ ଅଲ୍‌ମୁର୍ତଜା ର:ଅଙ୍କ ସୁଗୁଣାବଳୀର ଚର୍ଚ୍ଚା**

**ହଜ୍‌ରତ୍ ଅଲୀ ର:ଅ ପ୍ରତ୍ୟେକ ଗୁଣରେ ଏବଂ ବକ୍ତବ୍ୟରେ ସିଦ୍ଧ ହସ୍ତ ଥିଲେ ଏବଂ ଯିଏ ତାଙ୍କର ସିଦ୍ଧତାକୁ ଅସ୍ୱୀକାର କରୁଛି ସେ ଅଶ୍ଳୀଳ ପଦ୍ଧତିକୁ ଗ୍ରହଣ କରୁଛି । (ହଜ୍‌ରତ୍ ମସିହ୍ ମଉଦ୍ ଆ:ସ)**

**ହଜ୍‌ରତ୍ ଅଲୀ ର:ଅ କହିଲେ ଖବର୍‌ଦାର ! ମୋ ପ୍ରସଙ୍ଗରେ ଦୁଇ ପ୍ରକାରର ଲୋକ ନିଶେଷ ହୋଇଯିବେ । ଜଣେ ହେଉଛି ଏପରି ବ୍ୟକ୍ତି ଯିଏ ମତେ ଅତ୍ୟଧିକ ପ୍ରେମ କରି ମୋତେ ଏପରି ଆସନ ଦେବେ ଯାହା ବାସ୍ତବିକ ମୋ ଆସନ ନୁହେଁ ଏବଂ ଦ୍ୱିତୀୟ ଜଣକ ହେଉଛି ଏପରି ବ୍ୟକ୍ତି ଯିଏ ମୋ ସହିତ ବିଦ୍ୱେଷଭାବ ରଖିବ ଓ ମୋ ସହିତ ଶତୃତା କରି ମତେ ନିନ୍ଦା କରିବ ।**

**ସାହାବାମାନଙ୍କର ତକ୍‌ୱା (ଧର୍ମପରାୟଣତା) ଏହା ଥିଲା କି ସେମାନେ ପବିତ୍ର କୁରଆନ୍‌ର ପ୍ରତ୍ୟେକ ଆଦେଶ ଉପରେ ପରିଚାଳିତ ହେବାପାଇଁ ଚେଷ୍ଟା କରୁଥିଲେ ।**

**ରସୁଲେ କରିମ୍ ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ ଉପଦେଶ ପୂର୍ବକ କହିଲେ: ହେ ଅଲୀ ! ଯଦି ତୁମର ତବ୍‌ଲିଗ୍ ଦ୍ୱାରା ଜଣେ ଲୋକ ମଧ ଇମାନ୍ (ବିଶ୍ୱାସ) ନେଇଆସେ ତା'ହେଲେ ଏହା ତୁମ ପାଇଁ ତା'ଠାରୁ ଉତମ ଅର୍ଥାତ ଦୁଇଟି ପାହାଡ଼ ମଝିରେ ତୁମର ମେଣ୍ଢା ଓ ଛେଳୀମାନଙ୍କର ଗୋଟିଏ ବହୁତ ବଡ଼ ଦଳ (ପହ୍ଲ) ଯାଉଥିବେ ଓ ତୁମେ ତାହା ଦେଖି ଖୁସି ହେଉଥିବ ।**

**ଏମ୍.ଟି.ଏ ର ଚବିଶି ଘଂଟା ପ୍ରସାରଣ ହେଉଥିବା ନୂଆ ଚ୍ୟାନେଲ୍ ''ଏମ୍.ଟି.ଏ ଘାନା'' ଶୁଭାରମ୍ଭ ହେବାର ଘୋଷଣା**

**ପାକିସ୍ତାନ ଏବଂ ଅଲ୍‌ଜଜାଇର୍ ର ଅହେମଦୀମାନଙ୍କୁ ବିରୋଧ କରାଯାଉଥିବା ଦୃଷ୍ଟି କୋଣରୁ ଦୁଆ (ପ୍ରାର୍ଥାନା) କରିବାପାଇଁ ପୂନର୍ବାର ନିବେଦନ ।**

**ପାକିସ୍ତାନର ଅହେମଦୀମାନଙ୍କୁ ନଫିଲ୍ ପାଠ, ଦୁଆ ଏବଂ ସଦ୍‌କାତ୍ ଉପରେ ଗୁରୁତ୍ୱ ଦେବାପାଇଁ ଉପଦେଶ**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୧୫ ଜାନୁୟାରୀ ୨୦୨୧ ଅନୁଯାୟୀ ୧୫ ସୁଲାହ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْھَدُ اَنْ لَّآ اِلٰہَ اِلَّا اللّٰہُ وَحْدَہٗ لَا شَرِیْکَ لَہٗ وَاَشْھَدُ اَنَّ مُحَمَّدًا عَبْدُہٗ وَ رَسُوْلُہٗ
اَمَّا بَعْدُ فَاَعُوْذُ بِاللّٰہِ مِنَ الشَّیْطٰنِ الرَّجِیْمِ - بِسْمِ اللّٰہِ الرَّحْمٰنِ الرَّحِیْمِ -
اَلْحَمْدُ لِلّٰہِ رَبِّ الْعٰلَمِیْنَ - الرَّحْمٰنِ الرَّحِیْمِ - مٰلِکِ یَوْمِ الدِّیْنِ - اِیَّاکَ نَعْبُدُ وَ اِیَّاکَ نَسْتَعِیْنُ -
اِھْدِنَا الصِّرَاطَ الْمُسْتَقِیْمَ - صِرَاطَ الَّذِیْنَ اَنْعَمْتَ عَلَیْھِمْ ۙ غَیْرِ الْمَغْضُوْبِ عَلَیْھِمْ وَلَا الضَّآلِّیْنَ -

ହଜ୍‌ରତ୍ ଅଲୀ ର:ଅଙ୍କର ଚର୍ଚ୍ଚା ଚାଲିଥିଲା ଆଜି ମଧ ସେହି ଚର୍ଚ୍ଚା ଆଗକୁ ବଢ଼ିବ ଏବଂ ଯେଉଁ ତଥ୍ୟ ମୁଁ ଆପଣଙ୍କ ପ୍ରସଙ୍ଗରେ ଏକତ୍ରିତ କରିଥିଲି ତାହା ଆଜି ଇନ୍‌ଶାଅଲ୍ଲାଃ ତାଲା ଶେଷ ହୋଇଯିବ ।

ହଜ୍‌ରତ୍ ମସିହ ମଉଦ୍ ଆ:ସ କୁହନ୍ତି ଏକଦା "ହଜ୍‌ରତ୍ ଇମାମ୍ ହସନ୍ ସାହେବ୍ ନିଜ ପିତା ହଜ୍‌ରତ୍ ଅଲୀ ର:ଅଙ୍କୁ ପଚାରିଲେ କଣ ଆପଣ ମତେ ଭଲ ପାଆନ୍ତି ? ହଜ୍‌ରତ୍ ଅଲୀ ର:ଅ ଉତର ଦେଲେ ହଁ ମୁଁ ତୁମକୁ ଭଲପାଏ ଏଥିରେ ହଜ୍‌ରତ୍ ହସନ୍ ର:ଅ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ ଏବଂ କହିଲେ, ଗୋଟିଏ ହୃଦୟରେ ଦୁଇଟି ପ୍ରେମ କିଭଳି ଏକତ୍ରିତ ହୋଇପାରିବ ? ଏହା କିଭଳି ସମ୍ଭବପର ପୁନଶ୍ଚ ସେ ପଚାରିଲେ ଯଦି ପ୍ରଭୁଙ୍କୁ ପ୍ରେମ କରିବା ମୁକାବିଲାରେ ମୁଁ ଆସିଯାଏ ତେବେ ଆପଣ କାହାକୁ ଚୟନ କରିବେ ? ହଜ୍‌ରତ୍ ଅଲୀ ର:ଅ ଉତର ଦେଲେ ଅଲ୍ଲାଃଙ୍କୁ । ***(ମଲ୍‌ଫୁଜାତ୍ ଖଣ୍ଡ-୭, ପୃ-୫୭)***

ଏହି ପ୍ରରିପ୍ରେକ୍ଷୀରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି: ହଜ୍‌ରତ୍ ହସନ୍ ର:ଅ ପ୍ରଶ୍ନ କଲେ କି ଆପଣଙ୍କୁ ମୋ ସହିତ ଭଲ ପାଇବା ରହିଛି ? ହଜ୍‌ରତ୍ ଅଲୀ ର:ଅ ଉତର ଦେଲେ ହଁ । ହଜ୍‌ରତ୍ ହସନ୍ ପୁର୍ନବାର ପ୍ରଶ୍ନ କଲେ କି କଣ ଆପଣ ଅଲ୍ଲାଃ ତାଲାଙ୍କୁ ଭଲ ପାଆନ୍ତି । କହିଲେ ହଁ । ହଜ୍‌ରତ୍ ହସନ୍ ର:ଅ କହିଲେ ତା ହେଲେ ଆପଣ ଜଣେ ସିର୍କକାରୀ ଅର୍ଥାତ ଅନେକେଶ୍ୱରବାଦୀ । ଶିର୍କ ଏହାକୁ କୁହନ୍ତି ଯେ, ଅଲ୍ଲାଃ ତାଲାଙ୍କ ସହିତ ତାଙ୍କ ପ୍ରେମରେ ଅନ୍ୟକୁ ସାମିଲ କରିନେବା । ହଜ୍‌ରତ୍ ଅଲୀ ର:ଅ କହିଲେ ଅର୍ଥାତ ଉତର ଦେଲେ ଯେ ହସନ୍ ମୁଁ ସିର୍କକାରୀ ନୁହେଁ ନିଃସନ୍ଦେହ ରୂପେ ମୁଁ ତୁମକୁ ଭଲପାଏ କିନ୍ତୁ ଯେତେବେଳେ ତୁମର ପ୍ରେମ ଅଲ୍ଲାଃ ତାଲାଙ୍କୁ ମୁକାବିଲା କରିବାରେ ଆସିଯିବ ସେତେବେଳେ ମୁଁ ଯଥାଶିଘ୍ର ତୁମ ପ୍ରେମକୁ ପରିତ୍ୟାଗ କରିଦେବି" । ***(କୁରୁଦେ ଉଲା କି ନାମୁର୍ ଖୱ୍ୱାତିନ୍ ଅଓର୍ ସାହାବିଆତ୍ କେ ଇମାନ୍ ଅଫ୍‌ରୋଜ୍, ଅନୱ୍ୱାରୁଲ୍ ଉଲୁମ୍, ଖଣ୍ଡ-୨୧, ପୃ-୬୨୩)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି: ହଜ୍‌ରତ୍ ଅଲୀ ର:ଅ ଯେତେବେଳେ କୌଣସି ବଡ଼ ବିପତିର ସମ୍ମୁଖିନ ହେଉଥିଲେ ସେତେବେଳେ ସେ ଅଲ୍ଲାଃ ତାଲାଙ୍କ ନିକଟରେ ଦୁଆ କରୁଥିଲେ । **ୟା କାଫ୍ ହା ୟା ଆଇନ୍ ସ୍ୱାଦ୍ ଇଗ୍‌ଫିର୍‌ଲି** ଅର୍ଥାତ ହେ କାଫ୍ ହା ୟା ଐନ୍ ସାଦ୍ ! ମତେ କ୍ଷମା କରିଦିଅ" । ***(ତଫ୍‌ସୀର୍ କବୀର୍, ଖଣ୍ଡ-୫, ପୃ-୧୭)***

ରସୁଲ୍ କରିମ୍ ସ:ଆ:ସ କହିଲେ କାଫ୍‌ରୁ ଯର୍ଥାତ ଅଲ୍ଲାଃ ତାଲାଙ୍କ ବିଶେଷ ଗୁଣାବଳୀ ଅର୍ଥାତ "ଯଥେଷ୍ଟ", ହା'ର ଯଥାର୍ଥ ଅଲ୍ଲାଃ ତାଲାଙ୍କ "ମାର୍ଗଦର୍ଶନକାରୀ ଗୁଣାବଳୀ" ଐନ୍‌ରୁ ଯଥାର୍ଥ ଅଲ୍ଲାଃ ତାଲାଙ୍କର ବିଶିଷ୍ଟ ଗୁଣ "ସର୍ବଜ୍ଞ" ଏବଂ ସ୍ୱାଦ'ରୁ ଯଥାର୍ଥ ଅଲ୍ଲାଃ ତାଲାଙ୍କର ବିଶିଷ୍ଟ ଗୁଣ "ସତ୍ୟବାଦୀ" ଅଟେ । ***(ତଫ୍‌ସୀର୍ କବୀର୍, ଖଣ୍ଡ-୫, ପୃ-୧୭)***

ଅର୍ଥାତ ହଜ୍‌ରତ୍ ଅଲୀ ର:ଅ ଏହି ଦୁଆ ମାଗୁଛନ୍ତି ଯେ, ହେ ଅଲ୍ଲାଃ ! ତୁମେ ଯଥେଷ୍ଟ, ତୁମେ ହିଁ ମାର୍ଗଦର୍ଶନକାରୀ, ତୁମେ ହିଁ ସର୍ବଜ୍ଞ ଏବଂ ତୁମେ ହିଁ ଶାଶ୍ୱତ ଅଟ । ତୁମକୁ ତୁମର ଏହି ଗୁଣାବଳୀର ଦ୍ୱାହି ଦେଇ ତୁମ ନିକଟରେ ପ୍ରାର୍ଥନା କରୁଛି ଯେ ମୋତେ କ୍ଷମା କରଦିଅ ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି: ବ୍ୟାଖ୍ୟାକାରୀମାନେ ହଜ୍‌ରତ୍ ଅଲୀ ର:ଅଙ୍କର ଗୋଟିଏ ଘଟଣାବଳୀ ବର୍ଣ୍ଣନା କରି କୁହନ୍ତି । ଏକଦା ହଜ୍‌ରତ୍ ଅଲୀ ତାଙ୍କ ଚାକରକୁ ଡ଼ାକିଲେ କିନ୍ତୁ ସେ ତାହାର ଉତର ଦେଲାନାହିଁ । ହଜ୍‌ରତ୍ ଅଲୀ ର:ଅ ବାରମ୍ଵାର ତାକୁ ଡ଼ାକ ଛାଡ଼ିଲେ ତଥାପି ସେ ଆପଣଙ୍କର ଡ଼ାକିବାର କୌଣସି ଉତର ଦେଲାନାହିଁ । କିଛି ସମୟ ପରେ ଯେତେବେଳେ ସେ ଚାକରଟି ଦୈବାତ୍ ତାଙ୍କୁ ନଜର ଆସିଲା ସେତେବେଳେ ହଜ୍‌ରତ୍ ଅଲୀ ର:ଅ ତାଙ୍କୁ ପଚାରିଲେ ଆରେ ଦାସ ! ତୋତେ କଣ ହୋଇଛି ମୁଁ ତତେ କେତେ ଡ଼ାକ ମାରିଲି ଅଥଚ ମୋ ଡ଼ାକର ଉତର ଦେଲୁନାହିଁ । ପ୍ରତିଉତରରେ ସେ କହିଲା କି ପ୍ରକୃତ କଥା ହେଉଛି ମତେ ଆପଣଙ୍କର ବିନମ୍ରତା ଉପରେ ସମ୍ପୁର୍ଣ୍ଣ ବିଶ୍ୱାସ ରହିଥିଲା ଏବଂ ଆପଣଙ୍କ ଶାସ୍ତିରୁ ମୁଁ ନିଜକୁ ସୁରକ୍ଷିତ ବୋଲି ମଣୁଥିଲି ଏଣୁ ମୁଁ ଆପଣଙ୍କ କଥାର ଉତର ଦେଲିନାହିଁ । ହଜ୍‌ରତ୍ ଅଲୀ ର:ଅ ଉକ୍ତ ଚାକର ବାଳକଟିର ଉତରକୁ ଶୁଣି ଅତି ପ୍ରସନ୍ନିତ ହେଲେ ଏବଂ ତାହାକୁ ସ୍ୱାଧିନ କରିଦେଲେ । ***(ତଫ୍‌ସୀର୍ କବୀର୍, ଖଣ୍ଡ-୮, ପୃ-୨୫୫)***

ବର୍ତମାନ ହଜ୍‌ରତ୍ ଅଲୀ ର:ଅଙ୍କ ସ୍ଥାନରେ ଅନ୍ୟ କେହି ସଂସାର ପ୍ରେମୀ ଯଦି ଥାଆନ୍ତା ତାହେଲେ ସେ ସେହି ବାଳକଟିକୁ ଅର୍ଥାତ ଦାସକୁ ନିଶ୍ଚିତ ଦଣ୍ଡିତ କରିଥାନ୍ତା କି ତୁ କାହିଁକି ମୋ ଡ଼ାକ ଶୁଣିବା ସତ୍ୱେ ମଧ ଜବାବ ଦେଲୁନାହିଁ ? ତୁ ମୋର ବିନମ୍ରତାର ଅପବ୍ୟବହାର ବା ମୋର ଅବଜ୍ଞା କରିଛୁ କିନ୍ତୁ ହଜ୍‌ରତ୍ ଅଲୀ ର:ଅ ସେହି ବାଳକକୁ ପୁରସ୍କୃତ କଲେ ଅର୍ଥାତ ତାକୁ ସ୍ୱାଧିନ

କରିଦେଲେ ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି: ଜଣେ ବ୍ୟକ୍ତି ହଜ୍‌ରତ୍ ହସନ୍ ଓ ହୁସୈନ୍ ର:ଅଙ୍କୁ ଶିକ୍ଷା ଦାନ କରୁଥିଲା ଅର୍ଥାତ ହଜ୍‌ରତ୍ ଅଲୀ ର:ଅ ନିଜ ପୁତ୍ର ଦୁହିଁଙ୍କ ଶିକ୍ଷା ନିମନ୍ତେ, ପ୍ରଶିକ୍ଷଣ ନିମନ୍ତେ ଜଣେ ଶିକ୍ଷକଙ୍କୁ ନିଯୁକ୍ତ କରିଥିଲେ । ଏକଦା ସେ ଦୁଇ ବାଳକଙ୍କୁ ପାଠ ପଢ଼ାଉଥିବା ବେଳେ ହଜ୍‌ରତ୍ ଅଲୀ ର:ଅ ସେହି ସ୍ଥାନ ନେଇ ଯାଉଥିଲେ । ସେତେବେଳେ ସେ ତାଙ୍କୁ ଖାତ୍‌ମୁନ୍ ନବିଇନ୍ ପଢ଼ାଉଥିଲେ, ହଜ୍‌ରତ୍ ଅଲୀ ର:ଅ ତାଙ୍କୁ କହିଲେ, ମୋ ପିଲାଙ୍କୁ ଖାତିମୁନ୍ ନବିୟିନ୍ ପରିବର୍ତ୍ତେ ଖାତ୍‌ମୁନ୍ ନବିଇନ୍ ପଢ଼ାଅ ଅର୍ଥାତ ଅକ୍ଷର ତାରେ ଜେର୍ ପରିବର୍ତ୍ତେ ତାରେ ଜବର୍ ସହିତ ପଢ଼ାଅ ନିଃସନ୍ଦେହ ରୂପେ ଉଭୟ ପ୍ରଣାଳୀ ପାଠ କରିବା ଠିକ୍ ଅଟେ କିନ୍ତୁ ଅଧିକ ସ୍ୱୀକାର ଯୋଗ୍ୟ ଶୈଳୀ ଖାତ୍‌ମୁନ୍ ନବିଇନ୍ ଅଟେ । କାରଣ ଖାତ୍‌ମୁନ୍ ନବିଇନ୍‌ର ଅର୍ଥ ଅବତାରମାନଙ୍କର ମୋହର୍ ଏବଂ ଖାତିମୁନ୍ ନବିଇନ୍ ର ଅର୍ଥ ଅବତାରମାନଙ୍କର ଆଗମନ ପ୍ରକ୍ରିୟାକୁ ଶେଷ କରିଦେବା । ***(ଫରିଜାଏ ତବ୍‌ଲିଗ୍ ଅଓର୍ ଅହେମଦୀ ଖୱାତିନ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୧୮, ପୃ-୪୦୪)***

ପୁନଶ୍ଚ ହଜ୍‌ରତ୍ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ହଜ୍‌ରତ୍ ଅଲୀ ର:ଅଙ୍କ ପ୍ରସଙ୍ଗରେ ମଧ୍ୟ ଏହା ପ୍ରମାଣ ସିଦ୍ଧ ଯେ ସେ ପବିତ୍ର ଧର୍ମଗ୍ରନ୍ଥର ପୁର୍ଣ୍ଣ ମୁଖସ୍ତକାରୀ ଅର୍ଥାତ କଣ୍ଠସ୍ଥ କରିନେଇଥିଲେ । ବରଂ ସେ ପବିତ୍ର କୁର୍‌ଆନ୍‌ର ଅବତୀର୍ଣ୍ଣ ହେବାର କ୍ରମାନୁଯାୟୀ ଲେଖିବା ଆରମ୍ଭ କରିଦେଇଥିଲେ । ହଜୁର ସ:ଆ:ସଙ୍କ ଦେହାବସାନ ପରେ ।

***(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃ-୪୨୯)***

ପୁଣି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ କୌଣସି ଏକ ସାହାବି ଖାଇବାପାଇଁ ନିମନ୍ତ୍ରଣ କଲେ । ଅନ୍ୟ କେତେକ ସାହାବାମାନଙ୍କୁ ମଧ ସେ ଆମନ୍ତ୍ରିତ କରିଥିଲେ । ତନ୍ମଧ୍ୟରେ ହଜ୍‌ରତ୍ ଅଲୀ ର:ଅ ମଧ ସାମିଲ ଥିଲେ । ହଜ୍‌ରତ୍ ଅଲୀ ର:ଅ ଅନ୍ୟ ସାହାବାଙ୍କ ତୁଳନାରେ ବୟସରେ ସାନ ଥିଲେ । ଅତଏବ ଅନ୍ୟ ସାହାବାମାନଙ୍କ ମନରେ ହଜ୍‌ରତ୍ ଅଲୀ ର:ଅଙ୍କ ପ୍ରତି ଥଟ୍ଟା ମଜା କରିବା ବିଚାର ରହିଥିଲା । ରସୁଲେ କରିମ୍ ସ:ଆ:ସ ମଧ ସେହିପରି କରୁଥିଲେ । ହଜ୍‌ତର୍ ଅଲୀ ଯୁବକ ଥିଲେ, ଖାଇବାରେ ବ୍ୟସ୍ତ ଥିଲେ ଏପଟକୁ ତାଙ୍କର ନଜର ନଥିଲା ସୁତରାଂ ସେହି ସାହାବାମାନେ ଖଜୁରୀ କୋଳି ଖାଇ ମଞ୍ଜିଗୁଡ଼ିକ ହଜ୍‌ରତ୍ ଅଲୀ ର:ଅଙ୍କ ସମ୍ମୁଖରେ ରଖିଦେଉଥିଲେ । ପୁନଶ୍ଚ ସାହାବାମାନେ ଉପହାସ ପୂର୍ବକ ହଜ୍‌ରତ୍ ଅଲୀ ର:ଅଙ୍କୁ କହିଲେ, କି ଆରେ ତୁମେ ସମସ୍ତ ଖଜୁରୀ କୋଳି ଖାଇଦେଲ ହେଇ ଦେଖୁନ ତୁମ ଆଗରେ ପରା ସମସ୍ତ ଖଜୁରୀର ମଞ୍ଜି ପଡ଼ିରହିଛି । ହ(ଜ୍‌ରତ୍ ଅଲୀ ମଧ ମଜାଳିଆ ସ୍ୱଭାବର ଥିଲେ । ଚିଡ଼ିଚିଡ଼ା ନଥିଲେ) ଅତଏବ ହଜ୍‌ରତ୍ ଅଲୀ ର:ଅଙ୍କ ସ୍ୱଭାବରେ ବିରକ୍ତିଭାବ ପ୍ରକାଶ କରିବାଥାନ୍ତା ତେବେ ସେ ସାହାବାମାନଙ୍କ ସହିତ ଯୁକ୍ତିତର୍କ କରିଦେଇଥାନ୍ତେ କି ଆପଣ ମାନେ ମୋ ଉପରେ ଲାଞ୍ଛନ ଲଗାଉଛନ୍ତି କି ମୋ ସମ୍ପର୍କରେ କୁଧାରଣା ପୋଷଣ କରୁଛନ୍ତି ଏହା ପରିବର୍ତ୍ତେ ହଜ୍‌ରତ୍ ଅଲୀ ର:ଅ ଉକ୍ତ ପରିହାସକୁ ବୁଝିଗଲେ ଯାହା ସେମାନେ ତାଙ୍କ ପ୍ରସଙ୍ଗରେ କରିଥିଲେ । ସୁତରାଂ ତାଙ୍କର ଏହି ମଜାଳିଆ ଗୁଣ ଯୋଗୁଁ ସେ ପରିହାସର ଉତର ସେହିପରି ପରିହାସରେ ଦେଇଥିଲେ । ଅତଏବ ହଜ୍‌ରତ୍ ଅଲୀ ର:ଅ ଖଜୁରୀ ମଞ୍ଜିଗୁଡ଼ିକୁ ଚାହିଁ କହିଲେ, ମୁଁ ଖଜୁରୀ ମଞ୍ଜି ଖାଇନଥାଏ ତେଣୁ ଖଜୁରୀ ଖାଇ ନିଜ ସମ୍ମୁଖରେ ଖଜୁରୀ ମଞ୍ଜୀ ରଖିଦେଇଛି । କିନ୍ତୁ ଆପଣମାନେ ତ ଖଜୁରୀ ମଞ୍ଜିଗୁଡ଼ିକୁ ବି ଖାଇ ନେଇଛନ୍ତି କାରଣ ଏହା ପ୍ରମାଣ ଯେ, ଆପଣଙ୍କ ସମ୍ମୁଖରେ କୌଣସି ଖଜୁରୀ ମଞ୍ଜି ନାହିଁ । ତେଣୁ ସାହାବାମାନଙ୍କର ଏହି ପରିହାସଟି ତାଙ୍କରି ଉପରକୁ ହିଁ ଓଲଟିଯାଇଥିଲା । ***(ଖୁତ୍‌ବାତେ ମେହ୍‌ମୁଦ୍ ଖଣ୍ଡ-୩୩, ପୃ-୨୬୦)***

ଗୋଟିଏ ସ୍ଥାନରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ହଜ୍‌ରତ୍ ଅଲୀ ର:ଅଙ୍କ ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି ଯେ "ହଦିସ୍‌ରେ ଉଲ୍ଲେଖ ରହିଛି ଯେ, ଏକଦା ହଜୁର ସ:ଆ:ସ ନମାଜରେ ପବିତ୍ର କୁର୍‌ଆନ୍ ପାଠ କରୁଥିଲେ ଯେ, ହଜ୍‌ରତ୍ ଅଲୀ ର:ଅ କିଛି ଅଂଶ ତାଙ୍କୁ ସ୍ମରଣ କରାଇଲେ । ନମାଜ ଶେଷ ହେବାପରେ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ କହିଲେ: ତୁମର ଏ କାମ ନଥିଲା କାରଣ ନମାଜରେ କୁର୍‌ଆନୀୟ ପଂକ୍ତି ଭୁଲିଗଲେ ମନେ ପକାଇଦେବାପାଇଁ ମୁଁ କିଛି ଲୋକଙ୍କୁ ପୂର୍ବରୁ ମୁତୟନ କରି ରଖିଛି" । ***(ଖୁତ୍‌ବାତେ ମେହ୍‌ମୁଦ୍ ଖଣ୍ଡ-୨୫, ପୃ-୨୯୯)***

ତୁମର ଯୁକ୍ମା ଦେବାର ଆବଶ୍ୟକତା ନାହିଁ ଯଦିଚ ହଜ୍‌ରତ୍ ଅଲୀ ର:ଅ ବେଶ୍ ବିଦ୍ୱାନ ବ୍ୟକ୍ତି ଥିଲେ । କୁର୍‌ଆନ୍ କରୀମ୍‌ର ଏହି ଆଦେଶ ରହିଛି ଯେ ଯେତେବେଳେ ତୁମେମାନେ ରସୁଲେ କରିମ୍ ସ:ଆ:ସଙ୍କଠାରୁ କୌଣସି ପରାମର୍ଶ ନେବାକୁ ଯାଅ ତା'ପୂର୍ବରୁ ଦାନଦକ୍ଷିଣା କରିଦେବା ଉଚିତ । ଅତଏବ ଯେତେବେଳେ ଏହି ଆଦେଶଟି ଅବତୀର୍ଣ୍ଣ ହେଲା ସେତେବେଳେ ହଜ୍‌ରତ୍ ଅଲୀ ର:ଅ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କିଛି ଅର୍ଥ ଦାନ ସ୍ୱରୂପ ପ୍ରସ୍ତୁତ କରିଦେଲେ ଅର୍ଥାତ ଉପସ୍ଥାପନ କଲେ ଏବଂ କହିଲେ ହେ ଅଲ୍ଲାହ୍‌ଙ୍କ ରସୁଲ୍ ! ମୁଁ ଆପଣଙ୍କଠାରୁ କୌଣସି ପ୍ରସଙ୍ଗରେ ପରାମର୍ଶ ନେବାକୁ ଚାହୁଁଛି ଅତଏବ ହଜୁର ସ:ଆ:ସ ପୃଥକ ହୋଇ ହଜ୍‌ରତ୍ ଅଲୀ ର:ଅଙ୍କ ସହିତ କଥାବାର୍ତା ହେଲେ । ଜଣେ ସାହାବି ଯାଇ ହଜ୍‌ରତ୍ ଅଲୀ ର:ଅଙ୍କୁ ପଚାରିଲେ ଯେ ଆପଣ କେଉଁ କଥା ବିଷୟରେ ହଜୁର ସ:ଆ:ସଙ୍କୁ ପରାମର୍ଶ ଲୋଡ଼ିଥିଲେ । ହଜ୍‌ରତ୍ ଅଲୀ ର:ଅ ଉତର ଦେଲେ ଯେ କୌଣସି ଖାସ୍ କଥା ନୁହେଁ କିନ୍ତୁ ମୁଁ ଚାହିଁଲି ଯେ କୁର୍‌ଆନ୍ କରିମ୍‌ର ଏହି ଆଦେଶକୁ ମୁଁ ପାଳନ କରିନିଏ ।

***(ଖୁତ୍‌ବାତେ ମେହ୍‌ମୁଦ୍ ଖଣ୍ଡ-୨୫, ପୃ-୭୫୨)***

ଏପରି ଥିଲା ସାହାବାମାନଙ୍କର କାର୍ଯ୍ୟକଳାପ । ଗୋଟିଏ ସ୍ଥାନରେ ଏକ ଘଟଣା ଦରଜ ରହିଛି ଯେ ଜଣେ ସାହାବି ଲୋକମାନଙ୍କ ଘରକୁ ଯାଉଥିଲେ ଯେପରି ପବିତ୍ର କୋରାନ୍‌ରେ ଆଦେଶ ରହିଛି ଯେ ଯଦି ତୁମେ କାହା ଘରକୁ ଯାଅ ଓ ସେ ଘରର ଲୋକେ ତୁମକୁ ଫେରାଇ ଦିଅନ୍ତି ଅର୍ଥାତ ଫେରିଯିବାକୁ କୁହନ୍ତି ତେବେ ତୁମେ ସେଠାରୁ ଖୁସିମନର ସହ ଫେରି ଚାଲିଆସ । ସେ କୁହନ୍ତି ମୁଁ ଅନେକ ଥର ଚେଷ୍ଟା କଲି ଯେ କାହାରି ଘରକୁ ଯିବି ଏବଂ ସେ ମତେ ଘର ଦ୍ୱାରରୁ ଲେଉଟାଇ ଦେବ ଯଦ୍ୱାରା ମୁଁ ଆନନ୍ଦର ସହ ଅର୍ଥାତ ଖୁସୀ ଖୁସୀ ଫେରି ଆସିବି ଏବଂ ଏହାଫଳରେ ପବିତ୍ର କୋରାନ୍‌ର ଆଦେଶ ଅନୁଯାୟୀ ପାଳନ ହୋଇଯିବ କିନ୍ତୁ ମୋର ଏହି ଅଭିଳାଷା କଦାପି ପୂରଣ ହେଲାନାହିଁ ଅର୍ଥାତ କେହି ମତେ କହିଲେନାହିଁ ଯେ ଆମ ଘରୁ ଚାଲିଯାଅ । ***(ତଫ୍‌ସୀରୁଲ୍ ଯାମେ ଅଲ୍‌ଅହ୍‌କାମ୍..... ଖଣ୍ଡ-୧୫, ପୃ-୧୯୯, ସୁରୁତୁନ୍ ନୂର୍ ଜେଜେ ଆୟତ ୨୯ ମୁସିସତୁର୍ ରିସାଲା ବେରୁତ ୨୦୦୬)***

ଆଜି ଯଦି ଆମେ କାହାରିକୁ କହୁ କି ମୁଁ ଟିକେ ବ୍ୟସ୍ତ ଅଛି ଆମର ଆଜି ସାକ୍ଷାତ ହୋଇପାରିବନାହିଁ । ତେବେ ସେ ସଙ୍ଗେ ସଙ୍ଗେ ଅଭିମାନ କରିବସିବ କିନ୍ତୁ ସାହାବାମାନଙ୍କ ଧର୍ମନିଷ୍ଠତା ଏପରି ଥିଲା କି ପବିତ୍ର କୋରାନ୍‌ର ପ୍ରତ୍ୟେକ ଆଦେଶର କିପରି ସେମାନେ ପାଳନ କରୁଥିଲେ ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି "ଏକଦା ହଜୁର ସ:ଆ:ସ କୌଣସି କାରଣ ବସତଃ ସାହାବାଙ୍କୁ ଚାନ୍ଦା ଦେବାର ଆହ୍ୱାନ ଦେଲେ । ହଜ୍‌ରତ୍ ଅଲୀ ର:ଅ ବାହାରକୁ ଚାଲିଯାଇ ଘାସ କାଟିଲେ ଏବଂ ତାହାକୁ ବିକ୍ରି କରି ଯାହା ଉପାର୍ଜନ କଲେ ସେ ସମସ୍ତ ଅର୍ଥ ଚାନ୍ଦାରେ ପଇଠ କରିଦେଲେ" । ***(ଖୁତ୍‌ବାତେ ମେହ୍‌ମୁଦ୍ ଖଣ୍ଡ-୩୩, ପୃ-୩୫୭)***

ଏକଦା ହଜ୍‌ରତ୍ ଖଲିଫତୁଲ୍ ମସିହ ରାବେ ନିଜ ଦରସ୍‌ରେ ବର୍ଣ୍ଣନା କରିଥିଲେ ଯେ, ହଜ୍‌ରତ୍ ଅଲ୍ଲାମା ଉବୈଦୁଲ୍ଲାହ୍ ସାହେବ୍ ବିସ୍‌ମିଲ୍ ଜଣେ ଉଚ୍ଚପାହ୍ୟାର ଜ୍ଞାନବନ୍ତ ଓ ବିଦ୍ୱାନ ବ୍ୟକ୍ତି ଥିଲେ । ଯେତେବେଳେ ସେ ଅହେମଦୀ ହେଲେ ସେତେବେଳେ କେବଳ ମସିହ ମଉଦ୍ ଆ:ସଙ୍କ ସମୟକାଳରେ ନୁହେଁ ବରଂ ଦେଶ ବିଭାଜନ ପରେ ମଧ ତାଙ୍କର ଲିଖିତ ଅନେକ ପୁସ୍ତକ ଶିହାମାନଙ୍କ ମଦର୍ସାର ପାଠ୍ୟକ୍ରମରେ ପଢ଼ାଯାଉଅଛି । କାରଣ ମୋର ମନେ ଅଛି ଏକଦା ଜଣେ ଶିହା ବନ୍ଧୁ ହଜ୍‌ରତ୍ ଖଲିଫତୁଲ୍ ମସିହ ରାବେଙ୍କ ସହିତ ବାର୍ତାଳାପ କରିବାପରେ ଆସ୍ୱସ୍ତି ପ୍ରକାଶ କଲେ ଅର୍ଥାତ ଅହେମଦୀୟତ୍ ଗ୍ରହଣ କରିବାକୁ ରାଜି ହୋଇଗଲେ । ସେତେବେଳେ ମୁଁ ୱକ୍‌ଫେ ଯଦିଦ୍‌ରେ କାମ କରୁଥିଲି ଏବଂ ସଂପୃକ୍ତ ବ୍ୟକ୍ତିଜଣକ ଅହେମଦୀ ହୋଇଗଲେ ଏହି ନିଷ୍ପତି ପରେ ସେ କହିଲେ, ଯେ ବର୍ତମାନ ମୁଁ ଆପଣଙ୍କୁ କିଛି କହିବାକୁ ଚାହେଁ ଯେ, ପ୍ରଥମେ ମୁଁ ଜଣେ ଶିହା ବିଦ୍ୱାନ ଥିଲି ଏବଂ ଶିହା ମାନଙ୍କ ମଧ୍ୟରେ ଉଚ୍ଚପଦରେ ଅଧିଷ୍ଠିତ ସମ୍ଭବତଃ ସେ ଫୈସ୍‌ଲାବାଦ୍ ଅବା ଶେଖୁପୁରା ନିକଟସ୍ଥ କୌଣସି ଗ୍ରାମରେ ବସବାସ କରୁଥିଲେ । ତେବେ ସେ କହିଲେ ମୁଁ ଏହା କହିବାକୁ ଚାହେଁ ଯେ ଆଜି ମଧ ଆମ ମଦ୍‌ରସାରେ ଅବ୍‌ଦୁଲ୍ଲାହ୍ ସାହେବ୍ ବିସ୍‌ମିଲ୍‌ଙ୍କ ପୁସ୍ତକମାନ ପିଲାମାନଙ୍କୁ ପଢ଼ାଯାଉଅଛି । ଆଜି ମଧ ତାଙ୍କର ଏପରି ଦକ୍ଷିଲା ପାଣ୍ଡିତ୍ୟତା ବଜାୟ ରହିଛି କିନ୍ତୁ ସେମାନେ ଅହେମଦୀମାନଙ୍କୁ ଜ୍ଞାତ ହେବାକୁ ଦେଉନାହାନ୍ତି ଯେ, ଆଜି ମଧ ବିସ୍‌ମିଲ୍‌ଙ୍କ ପୁସ୍ତକ ପାଠ୍ୟକ୍ରମରେ ସାମିଲ ରହିଛି ଓ ପିଲାମାନଙ୍କୁ ମଧ କୁହାଯାଉନାହିଁ ଯେ, ସେହି ମହାନ୍ ବିସ୍‌ମିଲ୍ ସାହେବ କିଏ ଥିଲେ ଏବଂ ତାଙ୍କ ସହ ପରେ କଣ ହେଲା ସେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ କାହିଁକି ସ୍ୱୀକାର କରିନେଲେ ? ବିସ୍‌ମିଲ୍ ସାହେବ୍ ତାଙ୍କର ସମସ୍ତ ମର୍ଯ୍ୟାଦା ଓ ଗୌରବକୁ ପଛରେ ଫିଙ୍ଗିଦେଲେ ଯାହା ତାଙ୍କୁ ଏକ ସମୟରେ ସିୟାମାନଙ୍କ ମଧ୍ୟରେ ହାସଲ ଥିଲା । ଏହା କୌଣସି ସାଧାରଣ ବ୍ୟକ୍ତିର ସାକ୍ଷ୍ୟ ନୁହେଁ ଏହିପରି ସମସ୍ତ ମୁଖବନ୍ଧ ପରେ ଅଲ୍‌ବଜାର୍ ନିଜ ମସ୍‌ନଦ୍‌ରେ ଅର୍ଥାତ ନିଜର ପ୍ରମାଣ ଭିତିକ ପୁସ୍ତକରେ ଲେଖିଛନ୍ତି ଯେ ହଜ୍‌ରତ୍ ଅଲୀ ର:ଅ ଲୋକମାନଙ୍କୁ ପଚାରିଲେ ମତେ କୁହ ସବୁଠାରୁ ବୀର ଓ ସାହାସୀ ବ୍ୟକ୍ତି କିଏ ? ଜଣେ ସାହାବି ଉତର ଦେଲେ, ଆପଣ । ଏଥିରେ ହଜ୍‌ରତ୍ ଅଲୀ ର:ଅ କହିଲେ ମୁଁ ତ ସର୍ବଦା ନିଜ ସମପାହ୍ୟା ବ୍ୟକ୍ତି ସହ ଲଢ଼ିଥାଏ ତେବେ ମୁଁ କିପରି ସବୁଠାରୁ ବଡ଼ ବୀର ହେଲି ? ମୁଁ ପୁନଶ୍ଚ ପଚାରୁଛି କି ମତେ କୁହ ଯେ, ସବୁଠାରୁ ବୀର ଓ ସାହାସୀ କିଏ ? ଏହା ବିସ୍‌ମିଲ୍ ସାହେବଙ୍କ ନିଜର ଗୋଟିଏ ପୁସ୍ତକରେ ଦରଜ ରହିଛି । ଲୋକେ ଉତର ଦେଲେ ଆଜ୍ଞା ଆମକୁ ଜଣାନାହିଁ ଆପଣ ହିଁ ସଠିକ୍ ଉତର କହିଦିଅନ୍ତୁ । ଅତଏବ ହଜ୍‌ରତ୍ ଅଲୀ ର:ଅ କହିଲେ, ସବୁଠାରୁ ବୀର ଓ ସାହାସି ହଜ୍‌ରତ୍ ଅବୁବକର ସିଦ୍ଦିକ୍ ର:ଅ ଅଟନ୍ତି । ଶୁଣି ରଖ ବଦର୍ ଯୁଦ୍ଧ ସମୟରେ ହଜୁର ସ:ଆ:ସଙ୍କୁ ଛାଇ ତଳେ ରହିବା ପାଇଁ ଆମେ ଏକ ତମ୍ବୁ ଟାଣିଲୁ । ଆମେ ପରସ୍ପର ମଧ୍ୟରେ ପରାମର୍ଶ କଲୁ ଯେ ହଜୁର ସ:ଆ:ସଙ୍କ ସାଥିରେ କିଏ ରହିବ ? ଏପରି ନ ହେଉ ଯେ, କେହି ଅବିଶ୍ୱାସକାରୀ ହଜୁର ସ:ଆ:ସଙ୍କ ଉପରେ ଆକ୍ରମଣ କରିନଦେଉ । ପ୍ରଭୁଙ୍କ ରାଣ ସେତେବେଳେ ଆମ ମଧ୍ୟରୁ କେହି ମଧ ଏଥିପାଇଁ ଅର୍ଥାତ ଏହି ଦାୟିତ୍ୱ ତୁଲାଇବା ପାଇଁ ଆଗକୁ ବଢ଼ିଲେନାହିଁ । ଇତି ମଧ୍ୟରେ ହଜ୍‌ରତ୍ ଅବୁବକର ସିଦ୍ଦିକ୍ ର:ଅ ମୁକୁଳା ଖଡ୍ଗ ହାତରେ ଧରି ହଜୁର ସ:ଆ:ସଙ୍କ ନିକଟରେ ଉପସ୍ଥିତ ହୋଇଗଲେ ଏବଂ କୌଣସି ଅମାନ୍ୟକାରୀ ହଜୁର ସ:ଆ:ସଙ୍କ ପାଖକୁ ଆସିବାର ସତ୍‌ସାହାସ ଜୁଟାଇପାରିଲେ ନାହିଁ । ଯଦି କେହି ସାହାସ କରି ଆସିଲା ସେତେବେଳେ ହଜ୍‌ରତ୍ ଅବୁବକର ର:ଅ ତାହାର ମୁକାବିଲା କରିବାକୁ ଲମ୍ଫ ମାରିଲେ ତେଣୁ ସବୁଠାରୁ ବଡ଼ ବୀର ହେଉଛନ୍ତି ହଜ୍‌ରତ୍ ଅବୁବକର୍ ର:ଅ । ଏକଥା ହଜ୍‌ରତ୍ ଅଲୀ ର:ଅ କହିଲେ ।

ହଜ୍‌ରତ୍ ଅଲୀ ର:ଅ କୁହନ୍ତି, ଏକଦା ଯୁଦ୍ଧରେ ଅମାନ୍ୟକାରୀମାନେ ହଜୁର ସ:ଆ:ସଙ୍କୁ ଚାରିପଟୁ ଘେରିଗଲେ ଏବଂ ସେମାନେ ଆପଣଙ୍କୁ ଘୋଷାରୁଥିଲେ ତଥା କହୁଥିଲେ ତୁମେ ହିଁ

ହେଉଛ ଏପରି ଲୋକ ଯେ କହୁଅଛ କି ପରମେଶ୍ୱର ଏକ, ପ୍ରଭୁଙ୍କ ରାଣ ! ସେତେବେଳେ କେହି ବୀର ପୁରୁଷ ନଥିଲେ ଯେ ଅମାନ୍ୟକାରୀଙ୍କ ମୁକାବିଲା ପାଇଁ ସାହାସ ଜୁଟାଇ ପାରିଥାନ୍ତେ କିନ୍ତୁ ଜଣେ ବ୍ୟକ୍ତି, ଅର୍ଥାତ ହଜ୍‌ରତ୍ ଅଲୀ ର:ଅ କୁହନ୍ତି ସେ ହଜ୍‌ରତ୍ ଅବୁବକର ର:ଅ ଥିଲେ ଯିଏ ଆଗକୁ ବଢ଼ିଲେ ଏବଂ ଅମାନ୍ୟକାରୀଙ୍କୁ ମାରି ମାରି ଧକ୍କା ଦେଇ ବିକ୍ଷିପ୍ତ କରିଦେଲେ ଏବଂ ଆପଣ ର:ଅ କହୁଥିଲେ ତୁମ ମାନଙ୍କ ଉପରେ ଦୁଃଖ ଯେ ତୁମେ ଏପରି ବ୍ୟକ୍ତିଙ୍କୁ କଷଣ ଦେଉଛ ଯିଏ କହୁଛନ୍ତି ଯେ ମୋ ପାଳନକର୍ତ୍ତା କେବଳ ଅଲ୍ଲାଃ । ଏହା କହିବାପରେ ହଜ୍‌ରତ୍ ଅଲୀ ର:ଅ ଚଦର ଉଠାଇ ମୁଖ ଉପରେ ରଖି ଏତେ ମାତ୍ରାରେ ରୋଦନ କଲେ କି ତାଙ୍କର ଦାଢ଼ି ମଧ ଭିଜିଗଲା । ପୁନଶ୍ଚ ଆପଣ କହିଲେ, ତୁମମାନଙ୍କୁ ପ୍ରଭୁ ସତ୍‌ପଥ ପ୍ରଦର୍ଶନ କରାନ୍ତୁ ହେ ଲୋକମାନେ କୁହ ! ଫିରୋନ୍ ସମୟର ମୋମିନ୍ ଅର୍ଥାତ ବିଶ୍ୱାସକାରୀମାନେ ଉତମ ଥିଲେ ନା ହଜ୍‌ରତ୍ ଅବୁବକର ସିଦ୍ଦିକ୍ ର:ଅ ? ଲୋକମାନେ ନୀରବ ରହିଲେ ଏଥିରେ ହଜ୍‌ରତ୍ ଅଲୀ ର:ଅ କହିଲେ ଉତର କାହିଁକି ଦେଉନାହଁ ? ପ୍ରଭୁଙ୍କ ରାଣ ! ହଜ୍‌ରତ୍ ଅବୁବକର ସିଦ୍ଦିକ୍ ର:ଅଙ୍କ ଗୋଟିଏ କ୍ଷଣ ଆଲେ ଫିର୍‌ଅଓନ୍‌ର ଶହ ଶହ ମୁହୂର୍ତ୍ତଠାରୁ ଶ୍ରେୟସ୍କର । କାରଣ ସେମାନେ ନିଜର ବିଶ୍ୱାସକୁ ଗୋପନ ରଖୁଥିଲେ କିନ୍ତୁ ହଜ୍‌ରତ୍ ଅବୁବକର ସିଦ୍ଦିକ୍ ର:ଅ ନିଜ ବିଶ୍ୱାସର ଘୋଷଣା ସର୍ବସାଧାରଣଙ୍କ ସମ୍ମୁଖରେ କରିଥିଲେ । ***(ଦରସୁଲ୍ କୁର୍‌ଆନ୍ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଚତୁର୍ଥ ର:ଅ ପ୍ରଦତ ୧୬ ଫେବୃୟାରୀ ୧୯୯୪)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି, ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ ଉପଦେଶ ପୂର୍ବକ କହିଲେ ହେ ଅଲୀ ! ଯଦି ତୁମର ତବ୍‌ଲିଗ୍ ଦ୍ୱାରା ଜଣେ ଲୋକ ଇମାନ୍ ନେଇ ଆସେ ଅର୍ଥାତ ଜଣେ ବ୍ୟକ୍ତି ମଧ ତୁମ ପ୍ରଚାର ଦ୍ୱାରା ବିଶ୍ୱାସ ଆଣିନିଏ ତେବେ ତାହା ସେହି ବିଷୟଠାରୁ ଶ୍ରେୟସ୍କର ହେବ କି ଦୁଇ ପର୍ବତ ମଧବର୍ତୀରେ ତୁମର ଏକ ବିଶାଳ ଛେଳି ଓ ମେଣ୍ଢାପଲ ଚରୁଥିବେ ଓ ତୁମେ ତାହା ଦେଖି ଅତ୍ୟନ୍ତ ଆନନ୍ଦିତ ହେଉଥିବ ।

***(ହମାରି ଜିମ୍ମା ତମାମ୍ ଦୁନିଆକୋ ଫତହ୍ କର୍‌ନେ କା କାମ୍ ହୈ, ଅନୱାରୁଲ୍ ଉଲୁମ୍, ଖଣ୍ଡ-୧୮, ପୃ-୪୬୪)***

ଉମୁଲ୍ ମୁମିନିନ୍, ହଜ୍‌ରତ୍ ଉମୈ ସଲ୍‌ମା ର:ଅ ବର୍ଣ୍ଣନା କରନ୍ତି କି ମୁଁ ସାକ୍ଷ୍ୟ ଦେଉଛି ଯେ, ମୁଁ ହଜୁର ସ:ଆ:ସଙ୍କୁ ଏହା କହୁଥିବାର ଶୁଣିଛି ଯେ ଯେଉଁ ବ୍ୟକ୍ତି ହଜ୍‌ରତ୍ ଅଲୀ ର:ଅଙ୍କ ପ୍ରତି ଆନ୍ତରିକତା ଭାବ ପ୍ରଦର୍ଶନ କରେ ସେ ମୋ ସହିତ ଆନ୍ତରିକତା ଭାବ ପ୍ରଦର୍ଶନ କଲା ଏବଂ ଯିଏ ହଜ୍‌ରତ୍ ଅଲୀ ର:ଅଙ୍କ ସହିତ ବିଦ୍ୱେଷ ଭାବ ପ୍ରଦର୍ଶନ କଲା ତେବେ ସେ ମୋ ପ୍ରତି ବିଦ୍ୱେଷଭାବ ପ୍ରଦର୍ଶନ କଲା ଏବଂ ଯିଏ ମୋ ପ୍ରତି ବିଦ୍ୱେଷଭାବ ପ୍ରଦର୍ଶନ କରେ ସେ ଅଲ୍ଲାଃ ତାଲାଙ୍କ ସହିତ ବିଦ୍ୱେଷ ଭାବ ପ୍ରଦର୍ଶନ କରିଥାଏ । ***(ମୟମୁଆ ଜୱାଇଦ୍, ଖଣ୍ଡ-୯, ପୃ-୧୨୬, କିତାବୁଲ୍ ମନାକିବ୍...... ହଦିସ୍-୧୪୭୫୭..... ବେରୁତ ୨୦୦୧)***

ହଜ୍‌ରତ୍ ଜୁବୈର୍ ର:ଅ ବର୍ଣ୍ଣନା କରନ୍ତି: ହଜ୍‌ରତ୍ ଅଲୀ ର:ଅ କହିଲେ ସେହି ପ୍ରଭୁଙ୍କ ରାଣ ଯିଏ ଶସ୍ୟକୁ ଫାଡ଼ି (ସେଥିରୁ ଅଙ୍କୁର ବାହାରକରନ୍ତି ଏବଂ) ଆତ୍ମାକୁ ସୃଷ୍ଟି କରିଥାନ୍ତି । ନିଶ୍ଚିତରୂପେ ନିରକ୍ଷର ନବୀ ଶିରୋମଣୀଙ୍କର ମୋ ସହ ଅଙ୍ଗୀକାର ରହିଛି ଯେ ମୋ ସହିତ କେବଳ ବିଶ୍ୱସକାରୀମାନେ ପ୍ରିତି ସମ୍ପର୍କ ରକ୍ଷାକରିବେ ଏବଂ କପଟବିଶ୍ୱାସୀମାନେ ବିଦ୍ୱେଷଭାବ ପ୍ରଦର୍ଶନ କରିବେ । ***(ସହି ମୁସ୍‌ଲିମ୍, କିତାବୁଲ୍ ଇମାନ......ହଦିସ୍ ନଂ-୨୪୦)***

ଆପଣ ଅଧିକ କୁହନ୍ତି ଏକଦା ହଜୁର ସ:ଆ:ସଙ୍କ ମତେ ଡ଼କାଇଲେ ଏବଂ କହିଲେ ତୁମ ଉଦାହରଣ ହଜ୍‌ରତ୍ ମୁସାଙ୍କ ପରି ଯାହାଙ୍କୁ ୟହୁଦୀମାନେ ଏତେ ଈର୍ଷା କଲେ କି ତାଙ୍କ ମାତାଶ୍ରୀଙ୍କ ଉପରେ ଲାଞ୍ଛନା ଲଗାଇଲେ ଏବଂ ଇସାଇମାନେ ହଜ୍‌ରତ୍ ଇସାଙ୍କ ପ୍ରେମରେ ଏତେ ଆଗକୁ ବଢ଼ିଗଲେ, ସୀମା ଲଂଘନ କଲେ ଯେ ଆପଣଙ୍କୁ ସେହି ଆସନରେ ବିରାଜିତ କଲେ ଯାହାକି ତାଙ୍କର ଆସନ ନଥିଲା । ପୁନଶ୍ଚ ଆପଣ କହିଲେ, ସାବଧାନ ! ମୋ ପ୍ରସଙ୍ଗରେ ଦୁଇ ପ୍ରକାରର ଲୋକ ଧ୍ୱଂସ ପାଇବେ ଗୋଟିଏ ଦଳ ମୋ ସହିତ ପ୍ରିତି ସମ୍ପର୍କ ରଖୁଥିବାର ଦର୍ଶାଇ ମତେ ସେହି ସ୍ଥାନ ଦେବ ଯାହାକି ମୋର ସ୍ତର ନୁହେଁ । ଦ୍ୱିତୀୟଦଳ ମୋ ସହ ଘୃଣା ଓ ଶତୃତା କରି ମୋ ଉପରେ ଲାଞ୍ଛନା ଲଗାଇବେ । ***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍, ଖଣ୍ଡ-୧, ପୃ-୪୩୯..... ହଦିସ୍ ୧୩୭୭..... ବେରୁତ ୧୯୯୮)***

ହଜ୍‌ରତ୍ ଅଲୀ ର:ଅ ଫଇ ମାଲ୍ ଅର୍ଥାତ ଏଭଳି ମାଲେ ଗନିମତ୍ ଯାହାକି ଶତ୍ରୁର ମୁକାବିଲା ନ କରି ହାସଲ ହୋଇଥାଏ, ତାହାର ବଂଟନରେ ହଜ୍‌ରତ୍ ଅବୁବକର ର:ଅଙ୍କ ଶୈଳୀ ଅବଲମ୍ବନ କରୁଥିଲେ । ଆପଣଙ୍କ ନିକଟକୁ ଯେତେବେଳେ ମଧ ଅର୍ଥ ଆସୁଥିଲା ଆପଣ ସେ ସମସ୍ତ ଅର୍ଥ ଦାନ କରିଦେଉଥିଲେ ଏବଂ ସେଥିରୁ କାଣିଚାଏ ମଧ ନିଜ ନିକଟରେ ରଖୁନଥିଲେ । କିନ୍ତୁ ମାତ୍ର ସେତିକି ଯାହା ସେଦିନ ଦାନ କରିବାରେ ବଳକା ରହିଯାଉଥିଲା । ସେଥିରେ ଆପଣ ର:ଅ ଏକଥା ସର୍ବଦା କହୁଥିଲେ ହେ ଦୁନିଆ ! ଏଠାରୁ ଚାଲିଯା ମୋ ବ୍ୟତୀତ ତୁ ଅନ୍ୟ କାହା ନିକଟକୁ ଯାଇ ଧୋକା ଦେ ଅର୍ଥାତ ଅନ୍ୟ କାହାରିକୁ ପ୍ରତାରଣା କର । ମାଲେ ଫଇ୍ ମଧ୍ୟରୁ ଆପଣ ନିଜ ପାଇଁ କଉଡିଟିଏ ମଧ ରଖୁନଥିଲେ ନା ନିଜର କୌଣସି ଅନ୍ତରଙ୍ଗ ବନ୍ଧୁ ଅବା ପ୍ରୀୟଜନକୁ ପ୍ରଦାନ କରୁଥିଲେ । ଆପଣ ଗର୍ଭର୍ଣ୍ଣର ଓ ଉଚ୍ଚପଦ କେବଳ ବିଶ୍ୱସ୍ତ ଓ ଇମାନ୍‌ଦାର୍ ବ୍ୟକ୍ତିମାନଙ୍କୁ ପ୍ରଦାନ କରୁଥିଲେ । ଯଦି ସେମାନଙ୍କ ମଧ୍ୟରୁ କାହା ପ୍ରସଙ୍ଗରେ ଆପଣଙ୍କୁ ବିଶ୍ୱାସଘାତକତାର ସୁଚନା ମିଳୁଥିଲା ସେତେବେଳେ ଆପଣ ତାହାକୁ ନିମ୍ନ ଆୟତ ଲେଖି ପ୍ରେରଣ କରୁଥିଲେ । **କଦ୍ ଯାଅତ୍‌କୁମ୍ ମୌଇଜତୁନ୍ ମିର୍ ରବ୍‌ବିକୁମ୍ (ୟୁନୁସ୍:୫୮)** ଅର୍ଥାତ ତୁମମାନଙ୍କ ନିକଟକୁ ତୁମମାନଙ୍କ ପାଳନକର୍ତ୍ତାଙ୍କଠାରୁ ଉପଦେଶ ଆସିଯାଇଛି ଏଥି ସହିତ ଆଉ ଏକ ଆୟତ ମଧ ଆପଣ ଉଲ୍ଲେଖ କରି ପ୍ରେରଣ କରୁଥିଲେ ତାହା ଏହି କି ଯେ, **ଉଫୁଲ୍ ମିକ୍‌ୟାଲା ୱଲ୍‌ମିଜାନା ବିଲ୍‌କିସ୍‌ତେ ୱଲା ତବ୍‌ଖସୁନ୍ ନାସା ଅଶ୍‌ୟାଆହୁମ୍ ୱଲା ତାସଉ ଫିଲ୍ ଅର୍‌ଜି ମୁଫ୍‌ସିଦିନା ବକିୟତୁଲ୍ଲାହି ଖୈରୁଲ୍ ଲକୁମ୍ ଇନ୍ କୁନ୍‌ତୁମ ମୁମିନିନା ୱମା ଆନା ଆଲୈକୁମ୍ ବିହଫିଜ୍ (ହୁଦ୍: ୮୬-୮୭)** ଅର୍ଥାତ ତୁମେମାନେ ନ୍ୟାୟ ସଙ୍ଗତ ଭାବରେ ମାପ ଓଜନ କର ଲୋକମାନଙ୍କୁ ସେମାନଙ୍କର ସାମଗ୍ରୀ ଉଣା କରି ଦିଅନାହିଁ ଏବଂ ବିଶୃଙ୍ଖଳାକାରୀ ହୋଇ ପୃଥିବୀରେ ବିଶୃଙ୍ଖଳା ସୃଷ୍ଟି କରନାହିଁ । ଯଦି ତୁମେ ପ୍ରକୃତ ବିଶ୍ୱାସକାରୀ ହୋଇଥାଅ ତେବେ ଜାଣି ରଖ ଯେ ଅଲ୍ଲାଃ ଯାହା କିଛି ଛାଡ଼ି ଯାଆନ୍ତି ତୁମ ସକାଶେ ତାହା ତୁମମାନଙ୍କ ପକ୍ଷରେ ଉତ୍କୃଷ୍ଟତର ଏବଂ ଆମେ ତୁମମାନଙ୍କର ସଂରକ୍ଷକ ନାହୁଁ ।

ପୁନଶ୍ଚ ଆପଣ ନିଜ ଦୃଷ୍ଟି ଆକାଶ ମାର୍ଗକୁ କରୁଥିଲେ ଏବଂ କହୁଥିଲେ ହେ ଅଲ୍ଲାଃ ! ନିଶ୍ଚିତରୂପେ ତୁମେ ଜାଣ ମୁଁ ସେମାନଙ୍କୁ ତୁମ ସୃଷ୍ଟି ଉପରେ ଅତ୍ୟାଚାର କରିବା ଓ ତାହାର ଅଧିକାର ଆତ୍ମସାତ କରିବାକୁ ଆଦେଶ ଦେଇନାହିଁ ।

ଅବ୍‌ହର୍ ବିନ୍ ଜୁର୍‌ମୁଜ୍ ନିଜ ପିତାଙ୍କ ମାଧ୍ୟମରେ ବର୍ଣ୍ଣନା କରନ୍ତି କି ସେ କହିଲେ, ଏକଦା ମୁଁ ହଜ୍‌ରତ୍ ଅଲୀ ବିନ୍ ଅବୁ ତାଲିବ୍ ର:ଅଙ୍କୁ ଦେଖିଲି ଯେତେବେଳେ ସେ କୁଫାରୁ ବାହାରୁଥିଲେ ଓ ତାଙ୍କ ଉପରେ ଦୁଇଟି କିତ୍‌ରି ଚଦର ରହିଥିଲା । କିତର ହେଉଛି ବେହେରନ୍‌ର ଏକ ବସ୍ତିର ନାମ ଯେଉଁଠାରେ ଲାଲ ଧଡ଼ିର ଚଦର ପ୍ରସ୍ତୁତ କରାଯାଇଥାଏ ସେଥି ମଧ୍ୟରୁ ଗୋଟିଏ ଆପଣ ର:ଅ ଧୋତି ରୂପେ ପରିଧାନ କରିଥିଲେ ଏବଂ ଅନ୍ୟଟି ନିଜ ଶରୀର ଉପରେ ଘୋଡ଼ି ଥିଲେ । ଆପଣ ଗୋଟିଏ ବାଡ଼ି ଧରି ବଜାର ଅଭିମୁଖେ ଯାଉଥିଲେ ଏବଂ ଲୋକମାନଙ୍କୁ ପ୍ରଭୁଙ୍କୁ ଭୟ କରିବା, ସତ୍ୟ ବଚନ କହିବ. ଓଜନ କଲାବେଳେ ପରିମାଣକୁ ବରାବର ରଖିବା ଓ ସାମଗ୍ରୀକୁ ଉଣା କରି ନ ଦେବା ପାଇଁ ଲୋକମାନଙ୍କୁ ଉପଦେଶ ଦେଉଥିଲେ ।

ମୁଜମିଉ ତିମିରେ ବର୍ଣ୍ଣିତ ଅଛି ଯେ ଏକଦା ବଇତୁଲ୍ ମାଲ୍‌ରେ ଯେତେ ଅର୍ଥ ଥିଲା ସେ ସମସ୍ତ ରାଶି ହଜ୍‌ରତ୍ ଅଲୀ ର:ଅ ମୁସଲମାନମାନଙ୍କ ମଧ୍ୟରେ ବଂଟନ କରିଦେଲେ ଏବଂ ଆପଣଙ୍କ ଆଦେଶ କ୍ରମେ ତାହାକୁ ରଙ୍ଗ ଲଗାଗଲା ତଥା ଆପଣ ସେଠାରେ ଏହି ଆଶା ରଖି ନମାଜ ପାଠ କଲେ କି ପ୍ରଳୟ ଦିବସରେ ତାହା ଆପଣଙ୍କ ସପକ୍ଷରେ ସାକ୍ଷ୍ୟ ଦେବ ।

***(ଅଲ୍‌ଇସ୍‌ତିୟାବ....... ଖଣ୍ଡ-୩, ପୃ-୧୧୧୧-୧୧୧୩...... ବେରୁତ ୧୯୯୨)***

***(ଲୁଗାତୁଲ୍ ହଦିସ୍ ଖଣ୍ଡ-୩, ପୃ-୫୭୫.... ଲାହୋର୍ ୨୦୦୫)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ହଜ୍‌ରତ୍ ଅଲୀ ର:ଅଙ୍କ ଚର୍ଚ୍ଚା କରି ଗୋଟିଏ ସ୍ଥାନରେ ଦର୍ଶାଇଛନ୍ତି ଯେ, ହଜ୍‌ରତ୍ ମସିହ ମଉଦ୍ ଆ:ସ ୭ ଡ଼ିସେମ୍ବର ୧୮୯୨ ମସିହାରେ ନିଜର ଏକ ଦିବ୍ୟ ସ୍ୱପ୍ନର ଆଲୋଚନା କଲେ କି ମୁଁ ଦେଖିଲି ଯେ ଏହି ବିନିତ ଅର୍ଥାତ ମୁଁ ହଜ୍‌ରତ୍ ଅଲୀ ର:ଅ ହୋଇଯାଇଛି । ଅର୍ଥାତ ମୁଁ ସ୍ୱପ୍ନରେ ନିଜକୁ ହଜ୍‌ରତ୍ ଅଲୀ ର:ଅ ମଣୁଅଛି ତଥା ଏପରି ପରିସ୍ଥିତି ଉପୁଜିଛି ଯେ ଖ୍ୱଆରିଜ୍ ଦଳ ମୋର ଅବମାନନା ଓ ଉପହାସ କରୁଛନ୍ତି ଅର୍ଥାତ ସେହି ଦଳ ମୋ ଖିଲାଫତ୍‌କୁ ରୋକିବାକୁ ପ୍ରୟାସ କରୁଛନ୍ତି । ସେତେବେଳେ ମୁଁ ଦେଖିଲି ଯେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ମୋ ନିକଟରେ ଅଛନ୍ତି ଏବଂ ସହାନଭୂତି ପୂର୍ବକ କହୁଛନ୍ତି ଯେ, **ୟା ଅଲୀୟୁ ! ଦାହୁମ୍ ୱ ଅନ୍‌ସାରାହୁମ୍ ୱ ଜିରାଅତହୁମ୍** ଅର୍ଥାତ ହେ ଅଲୀ ! ସେମାନଙ୍କଠାରୁ ଓ ସେମାନଙ୍କ ସାହାଯ୍ୟକାରୀ ତଥା ତାଙ୍କ ଉପାର୍ଜନଠାରୁ ଦୁରତା ରକ୍ଷା କର । ତାଙ୍କଠାରୁ ମୁହଁ ଫେରାଇନିଅ ଏବଂ ହଜୁର ମତେ ଧୈର୍ଯ୍ୟ ରକ୍ଷା କରିବାକୁ ଉପଦେଶ ଦେଲେ । ହଜୁର ସ:ଆ:ସ କହୁଛନ୍ତି ତୁମେ ସତ୍‌ମାର୍ଗରେ ପ୍ରତିଷ୍ଠିତ ତୁମର ତାଙ୍କୁ କିଛି ନ କହିବା ଶ୍ରେୟସ୍କର ।

***(ବର୍‌କାତେ ଖିଲାଫତ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୨, ପୃ-୧୭୬)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି: ଖୱାରିଜ୍ ସେନାର ସମସ୍ତ ଜିନିଷ ହଜ୍‌ରତ୍ ଅଲୀ ର:ଅଙ୍କ ଅଧିନସ୍ଥ ହୋଇଯାଇଥିଲା । ଯୁଦ୍ଧ ବାହନ ତ ଆପଣ ଲୋକମାନଙ୍କ ମଧ୍ୟରେ ବଂଟନ କରିଦେଇଥିଲେ କିନ୍ତୁ ଆସବାବ ଓ ଦାସଦାସୀମାନଙ୍କୁ କୁଫା ପହଂଚିବା ପରେ ସେମାନଙ୍କ ମାଲିକଙ୍କୁ ଫେରସ୍ତ କରିଦେଇଥିଲେ । ***(ମସଅଲା ୱହି ୱ ନବୁୱତ୍ କେ ମୁତାଲିକ୍ ଇସ୍‌ଲାମୀ ନଜ୍‌ରୀୟା, ଅନୱାରୁଲ୍ ଉଲୁମ୍, ଖଣ୍ଡ-୨, ପୃ-୧୭୬)***

ହଜ୍‌ରତ୍ ଅବୁବକରଙ୍କ ଖିଲାଫତ୍ କାଳ ଅପେକ୍ଷା ହଜ୍‌ରତ୍ ଉମର ର:ଅ ଯୁଗ ରସୁଲେ କରିମ୍ ସ:ଆ:ସଙ୍କ ଯୁଗଠାରୁ ଅଧିକ ଦୂରରେ ରହିଥିଲା ଏବଂ ଏହି ଅବସ୍ଥା ହଜ୍‌ରତ୍ ଅଲୀ ର:ଅଙ୍କର ହଜ୍‌ରତ୍ ଉସ୍‌ମାନଙ୍କ ତୁଳନାରେ ମଧ ରହିଥିଲା ଅର୍ଥାତ ଉସ୍‌ମାନଙ୍କ ତୁଳନାରେ ହଜ୍‌ରତ୍ ଅଲୀ ର:ଅଙ୍କ ଖିଲାଫତ୍ ସମୟ ଦୁରରେ ଥିଲା । ନିଃସନ୍ଦେହ ରୂପେ ତାଙ୍କର ସ୍ତର ତାଙ୍କ ପୂର୍ବ ଖଲିଫାଙ୍କଠାରୁ କମ୍ ରହିଥିଲା କିନ୍ତୁ ତାଙ୍କ ସମୟରେ ଯେଉଁ ଅପ୍ରିତିକର ଘଟଣାମାନ ଘଟିଥିଲା । ସେତେବେଳେ ସେହି ପବିତ୍ର ପ୍ରଭାବ କମ୍ ରହିଥିଲା ଯାହାକି ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ନିକଟ ଭବିଷ୍ୟତରେ ଖିଲାଫତ୍ କାଳରେ ରହିଥିଲା । ହଜ୍‌ରତ୍ ଅବୁବକର ଓ ହଜ୍‌ରତ୍ ଉମର ର:ଅଙ୍କ କାଳରେ ଅଧିକାଂଶ ସେହି ସାହାବାମାନେ ଥିଲେ ଯିଏ ହଜୁର ସ:ଆ:ସଙ୍କ ସତ୍‌ସଙ୍ଗରୁ ସିଧାସଳଖ ଉପକୃତ ଓ ପ୍ରଭାବିତ ହେଉଥିଲେ । କିନ୍ତୁ ପରବର୍ତୀ ସମୟରେ ଅନ୍ୟମାନଙ୍କ ଦଖଲ ରହିଥିଲା । ଯେ କି ହଜୁର ସ:ଆ:ସଙ୍କ ସତ୍‌ସଙ୍ଗରୁ ଉପକୃତ ବା ପ୍ରଭାବିତ ହୋଇନଥିଲେ । ଯେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କୁ କେହି ଜଣେ ପଚାରିଲେ କି ହଜ୍‌ରତ୍ ଅବୁବକର ଓ ହଜ୍‌ରତ୍ ଉମରଙ୍କ ସମୟରେ ତ ଏପରି ବିଦ୍ରୋହ ଓ ବିଶୃଙ୍ଖଳାର ସୁତ୍ରପାତ ହୋଇନଥିଲା ଯେପରି ଆପଣଙ୍କ ସମୟରେ ବିଦ୍ରୋହ ଓ ବିଶୃଙ୍ଖଳାମାନ ମୁଣ୍ଡ ଟେକୁଅଛି । ସେତେବେଳେ ହଜ୍‌ରତ୍ ଅଲୀ ର:ଅ ଉତର ଦେଲେ ହଜ୍‌ରତ୍ ଅବୁବକର ଓ ହଜରତ୍ ଉମର୍ ଙ୍କ ଅଧିନରେ ମୋ ପରି

ଲୋକ ଥିଲେ କିନ୍ତୁ ମୋ ଅଧିନରେ ତୁମ ପରି ଲୋକମାନେ ଅଛନ୍ତି । ***(ଜମାତ୍ ଅହେମଦୀୟା ଅଓର୍ ହମାରି ଜିମାଦାରିଆଁ ଅନୱାରୁଲ୍ ଉଲୁମ୍, ଖଣ୍ଡ-୫, ପୃ-୯୫)***

ଆଉ ଏକ ସ୍ଥାନରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ  କୁହନ୍ତି ଯେତେବେଳେ ହଜ୍‌ରତ୍ ଅଲୀ ର:ଅ ଓ ହଜ୍‌ରତ୍ ମାଅୱିୟାଙ୍କ ମଧ୍ୟରେ ଯୁଦ୍ଧ ଚାଲିଥିଲା । ସେତେବେଳେ ଜଣେ ବ୍ୟକ୍ତି ଅବ୍‌ଦୁଲ୍ଲାଃ ବିନ୍ ଉମର୍‌ଙ୍କ ନିକଟକୁ ଆସି କହିଲା ଆପଣ ହଜ୍‌ରତ୍ ଅଲୀ ର:ଅଙ୍କ ସେନାରେ କାହିଁକି ସାମିଲ ହୋଇଯାଉନାହାନ୍ତି । କାରଣ ପବିତ୍ର କୋରାନ୍‌ରେ ଉଲ୍ଲେଖ ରହିଛି: **ୱ କାତିଲୁହୁମ୍ ହତ୍ତା ଲା ତକୁନା ଫିତ୍‌ନତୁନ୍** ସେ ଉତର ଦେଲେ ହଜୁର ସ:ଆ:ସଙ୍କ ସମୟରେ ତାହା ପୂରଣ ହୋଇଯାଇଛି । ଯେତେବେଳେ ଇସ୍‌ଲାମ୍ ଦୁର୍ବଳ ଓ ମୁସଲମାନମାନଙ୍କ ସଂଖ୍ୟା ଖୁବ୍ କମ୍ ରହିଥିଲା ସେତେବେଳେ ମଣିଷକୁ ତାହାର ଧର୍ମ ଯୋଗେ ପରିକ୍ଷା ଦେବାକୁ ପଡୁଥିଲା ଅର୍ଥାତ ତାହାକୁ ହତ୍ୟା କରିଦିଆଯାଉଥିଲା ଅଥବା ଶାସ୍ତି ଦିଆଯାଉଥିଲା, ଇସ୍‌ଲାମ୍ ଗ୍ରହଣ କରିବାଯୋଗୁଁ । ଏପରି କି ଇସ୍‌ଲାମ୍ ବିସ୍ତାର ଲାଭ କଲା ଏବଂ କାହାରିକୁ କୌଣସି ଧର୍ମ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିଲା ନାହିଁ । ***(ତଫ୍‌ସିର୍ କବୀର୍ ଖଣ୍ଡ-୨, ପୃ-୪୨୭-୪୨୮)***

ଅର୍ଥାତ ଯୁଦ୍ଧ ହେଉଥିଲା ତ ମାତ୍ର ଧର୍ମ ଖାତିର୍ କିନ୍ତୁ ବର୍ତମାନ ଏଠାରେ ତ ବିଶ୍ୱାସରେ କୌଣସି ଭିନ୍ନତା ନାହିଁ ମତଭେଦତା ନାହିଁ କେବଳ ପାରସ୍ପରିକ ମତଭେଦ ଓ ମତପାର୍ଥକ୍ୟ ଯୋଗୁଁ ଏହି ଯୁଦ୍ଧର ସୁତ୍ରପାତ ହେଉଛି । ତେଣୁକରି ମୁଁ ଏହି ଯୁଦ୍ଧରେ ସାମିଲ ହେଉନାହିଁ । ସେ ଯାହା ହେଉ ନା କାହିଁକି ଏହା ତାଙ୍କର ନିଜସ୍ୱ ଧାରଣା ଥିଲା ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଯେତେବେଳେ ରୋମ୍‌ର ସମ୍ରାଟ, ହଜ୍‌ରତ୍ ଅଲୀ ର:ଅ ଓ ହଜ୍‌ରତ୍ ମାଅୱିୟାଙ୍କ ମଧ୍ୟରେ ଯୁଦ୍ଧ ଚାଲିଥିବାର ସୁଚନା ପାଇଲା ଏବଂ ଇସ୍‌ଲାମୀୟ ଦେଶ ଉପରେ ଆକ୍ରମଣ କରିବାକୁ ମନ ବଳାଇଲା ସେତେବେଳେ ହଜ୍‌ରତ୍ ମାଅୱିୟା ତାଙ୍କୁ ପତ୍ର ଲେଖିଲେ ଯେ ସାବଧାନ୍ ଆମ ପାରସ୍ପିରକ ମତଭେଦକୁ ଦେଖି ତୁମେ ଭ୍ରମିତ ହୋଇନଯାଅ ଯଦି ତୁମେ ଆକ୍ରମଣ କର ତେବେ ହଜ୍‌ରତ୍ ଅଲୀ ର:ଅଙ୍କ ତରଫରୁ ସର୍ବପ୍ରଥମେ ମୁଁ ତୁମ ବିରୁଦ୍ଧରେ ସେନାଧକ୍ଷ ହୋଇ ଛିଡ଼ା ହେବି । ଏହାର ବ୍ୟାଖ୍ୟା ଏପରି ଦରଜ ରହିଛି ଯେ, ଯେତେବେଳେ ରୋମ୍‌ର ସମ୍ରାଟ, ହଜ୍‌ରତ୍ ଅଲୀ ର:ଅ ଓ ହଜ୍‌ତର୍ ମାଅୱିୟାଙ୍କ ମଧ୍ୟରେ ଯୁଦ୍ଧ ଚାଲିଥିବାର ସେ ଦେଖିଲା ସେତେବେଳେ ସେ ଇସ୍‌ଲାମ ଦେଶ ଉପରେ ଆକ୍ରମଣ କରିବାକୁ ମନ ବଳାଇଥିଲା । ରୋମୀମାନଙ୍କର ଶକ୍ତି ସେତେବେଳେ ଏପରି ଥିଲା ଯେପରି ବର୍ତମାନ ଆମେରୀକାର । ତାହାର ଆକ୍ରମଣ କରିବାର ଆୟୋଜନ ଦେଖି ଜଣେ ପାଦ୍ରୀ ଯିଏ କି ଅତ୍ୟନ୍ତ ସଚେତନ ଥିଲା କହିଲା କି ମହାରାଜ ଆପଣ ମୋ କଥାକୁ ଶୁଣିନିଅନ୍ତୁ ଏବଂ ଆକ୍ରମଣ କରିବାରୁ ବିରତ ରୁହନ୍ତୁ । ଯଦିଚ ଏହି ଲୋକମାନେ ପରସ୍ପର ମଧ୍ୟରେ ମତପାର୍ଥକ୍ୟ ରଖୁଛନ୍ତି କିନ୍ତୁ ଆପଣଙ୍କ ବିପକ୍ଷରେ ଏକତ୍ରିତ ହୋଇଯିବେ ଏବଂ ପାରସ୍ପରିକ ମତଭେଦକୁ ଭୁଲିଯିବେ ପୁନଶ୍ଚ ସେ ଏକ ଉଦାହରଣ ଦେଲା ଯେ, ଆପଣ କିଛି କୁକୁର ଆଣନ୍ତୁ ଏବଂ ସେମାନଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଭୋକିଲା ରଖନ୍ତୁ ଏହାପରେ ସେମାନଙ୍କ ସମ୍ମୁଖରେ ମାଂସ ଟୁକୁଡ଼ା ଫିଙ୍ଗି ଦିଅନ୍ତୁ ଦେଖିବେ ସେମାନେ ପରସ୍ପର ମଧ୍ୟରେ ଲଢୁଛନ୍ତି କିନ୍ତୁ ଯଦି ସେହି କୁକୁରଙ୍କ ମଧ୍ୟରେ ଗୋଟିଏ ସିଂହକୁ ଛାଡ଼ିଦେବେ ତାହେଲେ ଆପଣ ଦେଖିବେ ଯେ ସେମାନେ ନିଜର ପାରସ୍ପରିକ ମତଭେଦକୁ ଭୁଲିଯାଇ ସିଂହ ଉପରେ ଆକ୍ରମଣ କରିଦେବେ । ଉକ୍ତ ଉଦାହରଣରୁ ସେ ଏହା କହିବାକୁ ଚାହୁଁଥିଲା ଯେ, ତୁମେ ବର୍ତମାନ ହଜ୍‌ରତ୍ ଅଲୀ ର:ଅ ଓ ହଜ୍‌ରତ୍ ମାଅୱିୟାଙ୍କ ମତଭେଦରୁ ଫାଇଦା ଉଠାଇବାକୁ ଚାହୁଁଛି କିନ୍ତୁ ମୁଁ ତୁମକୁ ସଚେତନ କରାଇଦେଉଛି ଯେତେବେଳେ କି କୌଣସି ବାହ୍ୟ ଶତୃ ସହିତ ଯୁଦ୍ଧ ଲଢ଼ିବାର ପରିସ୍ଥିତି ଉପୁଜେ ତାହେଲେ ଏ ଦୁହେଁ ନିଜର ପାରସ୍ପରିକ ମତଭେଦକୁ ଭୁଲିଯିବେ ଏବଂ ନିଜ ଶତୃ ବିପକ୍ଷରେ ଏକତ୍ରିତ ହୋଇଯିବେ ଏବଂ ତାହା ହିଁ ହେଲା । ଯେତେବେଳେ ହଜ୍‌ରତ୍ ମାଅୱିୟାଙ୍କୁ ରୋମ୍‌ର ସମ୍ରାଟର ଉଦ୍ଦେଶ୍ୟ ସମ୍ପର୍କରେ ଜ୍ଞାତ ହେଲା ସେତେବେଳେ ସେ ତା ନିକଟକୁ ଅର୍ଥାତ ସେହି ସମ୍ରାଟ ନିକଟକୁ ସନ୍ଦେଶ ପ୍ରେରଣ କଲେ କି ଆମର ମତଭେଦରୁ ଫାଇଦା ଉଠେଇ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବା କଳନା ଛାଡ଼ିଦିଅ । ମୁଁ ତୁମକୁ ଖୋଲା କଥା କହିଦେଉଛି ଯେ, ମୋର ହଜ୍‌ରତ୍ ଅଲୀ ର:ଅଙ୍କ ମଧ୍ୟରେ ଅବଶ୍ୟ ଲଢ଼େଇ ରହିଛି, ମତଭେଦ ରହିଛି କିନ୍ତୁ ଯଦି ତୁମର ସୈନ୍ୟବାହିନି ଆକ୍ରମଣ କଲା ତାହେଲେ ମୁଁ ହଜ୍‌ରତ୍ ଅଲୀ ର:ଅଙ୍କ ପକ୍ଷରୁ ସେହି ସେନାଦଳର ମୁକାବିଲା କରିବାପାଇଁ ପ୍ରଥମ ସେନାଧକ୍ଷ ରୂପେ ବାହାରିବି ।

***(ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ମର୍କଜିୟା କେ ସାଲାନା ଇଜ୍‌ତିମା ୧୯୫୬ ମେଁ ଖିତାବାତ୍, ଅନୱାରୁଲ୍ ଉଲୁମ୍ ଖଣ୍ଡ-୨୫, ପୃ-୪୧୬-୪୧୭)***

ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅ ବର୍ଣ୍ଣନା କରନ୍ତି କି ହଜ୍‌ରତ୍ ଉମର ର:ଅ କହୁଥିଲେ କି ଆମମାନଙ୍କ ମଧ୍ୟରୁ ସର୍ବୋତମ କୁରାନ୍ ପାଠକାରୀ ବ୍ୟକ୍ତି ହେଉଛନ୍ତି ଉବୈ ବିନ୍ କାଆବ୍ ର:ଅ ଏବଂ ଆମମାନଙ୍କ ମଧ୍ୟରୁ ସର୍ବୋତମ ନ୍ୟାୟ ପ୍ରଦାନକାରୀ ବ୍ୟକ୍ତି ହେଉଛନ୍ତି ହଜ୍‌ରତ୍ ଅଲୀ ର:ଅ । ***(ସହି ବୁଖାରୀ, କିତାବୁଲ୍ ତଫ୍‌ସୀର୍ ସୁରଃ ବକରାଃ ..... ହଦିସ୍-୪୪୮୧)***

ହଜ୍‌ରତ୍ ଉମ୍ମେ ଅତିୟା ବର୍ଣ୍ଣନା କରନ୍ତି: ରସୁଲେ କରିମ୍ ସ:ଆ:ସ ଏକ ସୈନ୍ୟଦଳ ପ୍ରେରଣ କଲେ ଯେଉଁ ସୈନ୍ୟଦଳରେ ହଜ୍‌ରତ୍ ଅଲୀ ର:ଅ ଥିଲେ । ସେ ବର୍ଣ୍ଣନା କରନ୍ତି ମୁଁ ରସୁଲେ୍ କରିମ୍ ସ:ଆ:ସଙ୍କୁ ଏହି ଦୁଆ କରୁଥିବାର ଶୁଣିଲି ହେ ଅଲ୍ଲା ! ଯେ ପର୍ଯ୍ୟନ୍ତ ତୁମେ ମତେ ହଜ୍‌ରତ୍ ଅଲୀ ର:ଅଙ୍କୁ ଦେଖାଇ ନ ଦେଇଛ ସେ ପର୍ଯ୍ୟନ୍ତ ତୁମ୍ଭେ ମତେ ମୃତ୍ୟୁ ଦେବ ନାହିଁ । ***(ଉସଦୁଲ୍ ଗାବାଃ........ ଖଣ୍ଡ-୪, ପୃ-୧୦୦.......... ବେରୁତ ୨୦୦୩)***

ରସୁଲୁଲ୍ଲାଃ ସ:ଆ:ସ ଏକଦା ହଜ୍‌ରତ୍ ଅଲୀ ର:ଅଙ୍କୁ ଏକ ସରିୟାରେ ପ୍ରେରଣ କଲେ ଯେତେବେଳେ ସେ ସରିୟାରୁ ଫେରିଲେ ସେତେବେଳେ ରସୁଲେ କରିମ୍ ସ:ଆ:ସ ତାଙ୍କୁ କହିଲେ ଅଲ୍ଲାଃ ତାଲା ଓ ତାହାଙ୍କ ବାର୍ତାବହ ଓ ତାହାଙ୍କ ଦେବଦୂତ ଜିବ୍ରାଇଲ ତୁମ ଉପରେ ପ୍ରସନ୍ନିତ । ***(କନଜୁଲ୍ ଅମାଲ୍, ଖଣ୍ଡ-୧୩, ପୃ-୧୦୭, ହଦିସ୍-୩୬୩୪୯... ୧୯୮୫)***

ଅନ୍ୟ ଏକ ସ୍ଥାନରେ ଉକ୍ତ ଘଟଣାଟି ବର୍ଣ୍ଣିତ ହୋଇଛି ଯେ ଅମୀର ମୁଆୱିୟା ଜରାର୍ ଜିରାର୍ ସୁଦାଇଙ୍କୁ କହିଲା କି ମତେ ହଜ୍‌ରତ୍ ଅଲୀ ର:ଅଙ୍କ ବିଶେଷଗୁଣ ସମ୍ପର୍କରେ କୁହ । ସେ କହିଲା କି ହେ ଅମୀରୁଲ୍ ମୁମିନିନ୍ ମତେ କ୍ଷମା କର । ମାଅୱିୟା କହିଲା କି ମୁଁ ତୁମକୁ ଛାଡ଼ିବି ନାହିଁ ଯେ ପର୍ଯ୍ୟନ୍ତ ତୁମେ ତାଙ୍କ ପ୍ରସଙ୍ଗରେ ମତେ ସୁଚନା ନ ଦେଇଛ । ଜରାର୍ କହିଲା ଆପଣ ଶୁଣିବାକୁ ଚାହୁଁଛନ୍ତି ତେବେ ଶୁଣନ୍ତୁ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ହଜ୍‌ରତ୍ ଅଲୀ ର:ଅ ସତ୍ ସାହାସ ଓ ବଳିଷ୍ଠ ଶରୀରଧାରୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସେ ନିର୍ଣ୍ଣାୟକ କଥା କହୁଥିଲେ ନ୍ୟାସସଙ୍ଗତ, ନ୍ୟାୟ ପ୍ରଦାନକାରୀ ଥିଲେ । ସେ ଜ୍ଞାନ ଓ ପରିଚୟର ବହି ଯାଉଥିବା ଝରଣାଟିଏ ଥିଲେ ଏବଂ ତାଙ୍କ କଥାରୁ ହିକ୍‌ମତ୍ ଅର୍ଥାତ ବୁଦ୍ଧିମତା ଝରୁଥିଲା । ସେ ସଂସାର ଓ ତାହାର ଚାକଚକ୍ୟକୁ ଭୟ କରୁଥିଲେରାତ୍ର ଏବଂ ଏକାନ୍ତ ବାସକୁ ଭଲ ପାଉଥିଲେ । ସେ ଅତି ଅଶ୍ଳୁଳ ବ୍ୟକ୍ତି ଥିଲେ ସେ ସରଳ ବସ୍ତ୍ର ପରିଧାନ କରୁଥିଲେ ଅତ୍ୟନ୍ତ ସରଳ ଖାଦ୍ୟ ସେବନ କରୁଥିଲେ । ସେ ଆମମାନଙ୍କ ମଧ୍ୟରେ ଜଣେ ସାଧାରଣ ବ୍ୟକ୍ତି ପରି ଜୀବନ ଅତିବାହିତ କରୁଥିଲେ । ଆମେମାନେ ଯେତେବେଳେ ତାଙ୍କୁ ପ୍ରଶ୍ନ କରୁଥିଲୁ ସେତେବେଳେ ସେ ଆମମାନଙ୍କୁ ଉତର ପ୍ରଦାନ କରୁଥିଲେ । ଯଦି କୌଣସି ପ୍ରସଙ୍ଗରେ ତାଙ୍କୁ ପଚରାଯାଉଥିଲା ସେତେବେଳେ ସେହି ପ୍ରସଙ୍ଗରେ ସେ ଉତର ଦେଉଥିଲେ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି କି ତାଙ୍କର ଆମମାନଙ୍କ ସହିତ ଓ ଆମର ତାଙ୍କ ସହିତ ଅତ୍ୟନ୍ତ ଭାବ ପୂର୍ଣ୍ଣ ସମ୍ପର୍କ ରହିଥିଲା । ଆମେ କିନ୍ତୁ ତାଙ୍କର ବୟସ୍କତା ତଥା ବୟଜ୍ୟୋଷ୍ଠର ମର୍ଯ୍ୟାଦା ପାଇଁ ତାଙ୍କୁ ସମ୍ମାନ ଓ ଭୟ କରୁଥିଲୁ ଓ ତାଙ୍କ ସହିତ କମ୍ କଥାବାର୍ତା କରୁଥିଲୁ । ସେ ଧାର୍ମିକ ବ୍ୟକ୍ତିଙ୍କୁ ସମ୍ମାନ ପ୍ରଦାନ କରୁଥିଲେ ଏବଂ ଦରିଦ୍ରମାନଙ୍କୁ ନିଜ ପାଖରେ ସ୍ଥାନ ଦେଉଥିଲେ । କୌଣସି ଶକ୍ତିଶାଳୀ ବ୍ୟକ୍ତି ଏହି ଆକାଂକ୍ଷା ପୋଷଣ କରିପାରିବ ନାହିଁ ଯେ ସେ ନିଜର ମିଥ୍ୟା କଥା କହି ତାଙ୍କୁ ରାଜି କରାଇପାରିବ ଏବଂ କୌଣସି ଦୂର୍ବଳ ବ୍ୟକ୍ତି ତାଙ୍କ ନ୍ୟାୟ ଓ ନିର୍ଣ୍ଣୟରୁ ହତୋସ୍ୱାହିତ ହେଉନଥିଲା । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ କେତେକ ଅବସରରେ ମୁଁ ଦେଖିଛି ଯେ ଯେତେବେଳେ ରାତି ପାହିଯାଉଥିଲା ଏବଂ ତାରକାମାନ ଅଦୃଶ୍ୟ ହୋଇଯାଉଥିଲେ ବା ମଳିନ ପଡ଼ିଯାଉଥିଲେ ସେତେବେଳେ ଆପଣ ନିଜର ଦାଢ଼ିକୁ ଧରି ଏଭଳି ଛଟପଟ ହେଉଥିଲେ ଯେପରି ସର୍ପ ଦଂଶନ କରିଥିବା ବ୍ୟକ୍ତି ଛଟପଟ ହୋଇଥାଏ ଏବଂ ଅତ୍ୟନ୍ତ ଦୁଃଖ ଅନୁଭବ କରି କାନ୍ଦୁଥିଲେ ଏବଂ କହୁଥିଲେ ହେ ସଂସାର ଯା ତୁ ମୋ ବ୍ୟତିତ ଅନ୍ୟ କାହାକୁ ଯାଇ ପ୍ରବଞ୍ଚନା ଦେବୁ ମୁଁ କାହିଁକି ବା ତୋ ମୋହମାୟା ବା ତୋ ସଙ୍ଗତରେ ପଡ଼ିବି ମତେ ଏତେ ସଜାଇ ହେଇ କାହିଁ ଦେଖାଉଛୁ । ଏହା କଦାପି ସମ୍ଭବ ନୁହେଁ ଯେ, ମୁଁ ତୋ ଚାକଚକ୍ୟରେ କବଳିତ ହୋଇଯିବି ମୁଁ ତୁମକୁ ତିନୋଟି ତଲାକ୍ ଦେଇ ଦେଇଛି ତଥା ସଂସାରକୁ  । ଏହାପରେ କୌଣସି ପୂନରାଗମ ହୋଇପାରିବ ନାହିଁ ଅର୍ଥାତ ତୁମର ମୋର କଦାପି ମିଳନ ହୋଇପାରିବନାହିଁ କାରଣ ତୋର ବୟସ ସ୍ୱଳ୍ପ ଏବଂ କ୍ଷଣସ୍ଥାୟୀ । ଏହିଭଳି କଥା ହଜ୍‌ରତ୍ ଅଲୀ ର:ଅଙ୍କ ସଂସାରକୁ ସମ୍ବୋଧନ କରି କହିଥିଲେ । ଆପଣ ଆହୁରି କୁହନ୍ତି ଆହା ପଥ ସାମଗ୍ରୀ କେତେ ସ୍ୱଳ୍ପ ଯେବେ କି ଆହୁରି କେତେ ଦୀର୍ଘ ରାସ୍ତା ଯାତ୍ରା କରିବାକୁ ଅଛି ଓ ତାହା ଅତ୍ୟନ୍ତ ବିପଦପୂର୍ଣ୍ଣ ଓ ଭୟଙ୍କର ଜରାର୍ ହଜ୍‌ରତ୍ ଅଲୀ ର:ଅଙ୍କ ସମ୍ପର୍କରେ ଏହି କଥା ଅମୀର ମାଅୱିୟାଙ୍କୁ କହିଥିଲେ । ଏହାକୁ ଅମୀର ମାଅୱିୟା ଶୁଣି କାନ୍ଦି ପକାଇଲେ ଏବଂ କହିଲେ ଅଲ୍ଲାଃ ତାଲା ଅବ୍‌ଦୁଲ୍ଲ ହସନ୍ ଉପରେ ଦୟା ଅବତୀର୍ଣ୍ଣ କରନ୍ତୁ । ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଛି ଯେ, ସେ ଏହିପରି ହିଁ ବ୍ୟକ୍ତି ଥିଲେ । ପୁଣି ମାୱିୟା କହିଲେ ହେ ଜିରାର୍ ! ହଜ୍‌ରତ୍ ଅଲୀ ର:ଅଙ୍କ ବିୟୋଗରେ ତୁମେ କେତେ ମର୍ମାହତ ହୋଇଛ ? ଜରାର୍ କହିଲେ ମତେ ସେହିପରି ଦୁଃଖ ପ୍ରାପ୍ତ ହୋଇଛି ଯେଭଳି ଜଣେ ମହିଳାକୁ ତା'ର କୋଳରେ ତା'ର ଶିଶୁକୁ ହତ୍ୟା କରିଦେଲେ ଯେଭଳି ତାକୁ କଷ୍ଟ ବା ବେଦନା ହୋଇଥାଏ ।

***(ଅଲ୍‌ଇସ୍‌ତିୟାବ....... ଖଣ୍ଡ-୩ ପୃ-୧୧୦୭-୧୧୦୮....... ବେରୁତ ୧୯୯୨)***

ହଜ୍‌ରତ୍ ଅଲୀ ର:ଅଙ୍କ ନ୍ୟାୟିକ ନିଷ୍ପତି ବହୁ ଚର୍ଚ୍ଚିତ ଅଟେ ତନ୍ମଧ୍ୟରୁ କେତେକ ସମ୍ପର୍କରେ ଏଠାରେ ଆଲୋଚନା କରିଦେଉଛି ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ହଜ୍‌ରତ୍ ଅଲୀ ର:ଅଙ୍କ ସମ୍ପର୍କରେ ତିବ୍‌ରୀରେ ଏକ ଘଟଣା ଉଲ୍ଲେଖ ରହିଛି । ଇସ୍‌ଲାମ୍‌ର ପ୍ରାରମ୍ଭିକ ପ୍ରର୍ଯ୍ୟାୟରୁ ହିଁ ସତର୍କତା ଉପରେ କାର୍ଯ୍ୟାନୁସରଣ ହୋଇଆସିଛି । ସେହି ଘଟଣାଟି ଏହିପରି ଯେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏହାର ସମସ୍ତ ଆରବୀ ବାକ୍ୟକୁ ଉଲ୍ଲେଖ କରିଛନ୍ତି ମୁଁ ସେସବୁକୁ ଛାଡ଼ି ତାହାର ଅର୍ଥ ଏଠାରେ ବର୍ଣ୍ଣନା କରିଦେଉଛି । ଯେତେବେଳେ ଏହି ଖୁତ୍‌ବା ପ୍ରକାଶ ଲାଭ କରିବ ସେତେବେଳେ ଆରବୀ ବାକ୍ୟ ମଧ୍ୟ ସେଥିରେ ଆସିଯିବ ***(ରା ଅୟତୁ ଅଲିୟନ୍ ଅମ୍ମା ଖରିଜନ୍...... କାଲା ହାଜା ହକ୍‌କୁସ୍ ସୁଲ୍‌ତାନ୍)*** ଯାହାର ଅନୁବାଦ ଏହା ଅଟେ । ଅଦଲ୍ ବିନ୍ ଉସ୍‌ମାନ୍ ବର୍ଣ୍ଣନା କରନ୍ତି କି ମୁଁ ଦେଖିଲି ହଜ୍‌ରତ୍ ଅଲୀ ର:ଅ ହମ୍‌ଦାନ୍‌ଠାରୁ ବାହାରେ ଅଧିବାସ ଥିଲେ କି ସେହି ସମୟରେ ହିଁ ସେ ଦୁଇ ଗୋଷ୍ଠୀକୁ ପରସ୍ପର ମଧ୍ୟରେ ସଂଘର୍ଷ କରୁଥିବାର ଦେଖିଲେ ଏବଂ ଆପଣ ସେହି ଦୁଇଗୋଷ୍ଠୀ ମଧ୍ୟରେ ସନ୍ଧୀ ସ୍ଥାପନ କରିଦେଲେ କିନ୍ତୁ ବର୍ତମାନ ଆପଣ ସ୍ୱଳ୍ପ ଦୂରକୁ ଯାଇଥିଲେ କି ଆପଣଙ୍କୁ କୌଣସି ବ୍ୟକ୍ତିଙ୍କର ସ୍ୱର ଶୁଭିଲା ଯେ କୌଣସି ବ୍ୟକ୍ତି ସାହାଯ୍ୟ ପାଇଁ

ଡ଼ାକ ଛାଡୁଥିଲା ଅତଏବ ସେ ଦ୍ରୁତ ବେଗରେ ସେହି ସ୍ୱର ଆଡ଼କୁ ଧାଇଁଲେ ଏପରିକି ଆପଣଙ୍କ ଜୋତାର ଶବ୍ଦ ମଧ୍ୟ ଶୁଣାଯାଉଥିଲା ଏବଂ ଆପଣ କହିଚାଲିଥିଲେ କି ସାହାଯ୍ୟ ଆସିଗଲା ସାହାଯ୍ୟ ଆସିଗଲା । ଯେତେବେଳେ ଆପଣ ସେହି ସ୍ଥାନରେ ପହଂଚିଲେ ସେତେବେଳେ ଆପଣ ଦେଖିଲେ ଯେ ଜଣେ ବ୍ୟକ୍ତି ଅନ୍ୟଜଣକୁ କୁଣ୍ଡାଇଛି ଯେତେବେଳେ ସେ ଆପଣଙ୍କୁ ଦେଖିଲା ସେତେବେଳେ ସେ କହିଲା କି ହେ ଅମିରୁଲ୍ ମୁମିନିନ୍ ମୁଁ ସେହି ବ୍ୟକ୍ତିକୁ ଏକ ବସ୍ତ୍ର ନଅ ଦିରହମ୍‌ରେ ବିକ୍ରୀ କରିଥିଲି ଏବଂ ସର୍ତ ଏହା ଥିଲା କି ଯେଉଁ ଦିରହମ୍ ସନ୍ଦେହ ଜନକ କିମ୍ବା କଟା ହୋଇନଥିବ ଏବଂ ସେ ତାହାକୁ ସ୍ୱୀକାର କରିଦେଇଥିଲା ଯେ ଯଦି ଏପରି ଦିରହମ୍ ଥିବ ତାହେଲେ ମଧ୍ୟ ସେ ତାହାକୁ ଗ୍ରହଣ କରିବ କିନ୍ତୁ ମୁଁ ଯେତେବେଳେ ଆଜି ସେହି ଅପୂର୍ଣ୍ଣ ଟଙ୍କା ଦେବାପାଇଁ ଆସିଲି ସେ ଏହାକୁ ବଦଳାଇବାକୁ ଅସ୍ୱୀକାର କରୁଅଛି ମୁଁ ଯେତେବେଳେ ତା ପଛରେ ଧାଇଁଲି ସେତେବେଳେ ସେ ମତେ ଏକ ଚାପୁଡ଼ା ମାରିଲା । ହଜ୍‌ରତ୍ ଅଲୀ ଏହା ଶୁଣି ଖରିଦ୍ କରିଥିବା ଲୋକକୁ ଆପଣ ମିସ୍ତ୍ରିକୁ କହିଲେ କି ତାହାର ଟଙ୍କା ବଦଳାଇ ଦିଅ ଏ ଯେଉଁ କ୍ରେତା ଥିଲା ତାକୁ କହିଲେ କି ଟଙ୍କା ବଦଳାଇ ଦିଅ । ପୁନଶ୍ଚ ଦ୍ୱିତୀୟ ବ୍ୟକ୍ତି କହିଲା କି ଚାପୁଡ଼ା ମାଡ଼ ଖାଇଥିବାର ପ୍ରମାଣ ଦିଅ । ସେ ଯେତେବେଳେ ପ୍ରମାଣ ଦେଇଦେଲା ସେତେବେଳେ ଆପଣ ମାଡ଼ ମାରିଥିବା ବ୍ୟକ୍ତିକୁ ବସାଇ ଦେଲେ ଓ ତାହାକୁ କହିଲେ କି ତା ଠାରୁ ପ୍ରତିଶୋଧ ନେଇନିଅ । ସେ କହିଲା ହେ ଅମୀରୁଲ୍ ମୁମିନିନ୍ ମୁଁ ତାହାକୁ କ୍ଷମା ଦେଲି ଆପଣ କହିଲେ କି ତୁ କ୍ଷମା ଦେଲୁ ସତ କିନ୍ତୁ ମୁଁ ଚାହୁଁଛି ଯେ ତାକୁ ଶାସ୍ତି ମିଳୁ । ବୋଧ ହୁଏ ଏଥିରୁ ଏହା ପ୍ରତିତ ହେଉଛି ଯେ ସେହି ବ୍ୟକ୍ତି ନିରୀହ ଓ ସରଳ ବ୍ୟକ୍ତି ଥିଲା ଏବଂ ଲାଭ ଓ କ୍ଷତିକୁ ବୁଝିପାରୁନଥିଲା ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଉଲ୍ଲେଖ କରନ୍ତି ପୁନଶ୍ଚ ସେହି ବ୍ୟକ୍ତିକୁ ଯିଏ ସରଳ ବ୍ୟକ୍ତିକୁ ଚାପୁଡ଼ା ମାରିଥିଲା ତାହାକୁ ସାତ ଥର ଚାବୁକ ପ୍ରହାର କରାଗଲା ଏବଂ ହଜ୍‌ରତ୍ ଅଲୀ ର:ଅ କହିଲେ ତୁମେ ଅବସ୍ୟ ତାହାକୁ କ୍ଷମା କରିଦେଇଥିଲ କିନ୍ତୁ ଏହି ଶାସ୍ତି ପ୍ରଶାସନ ତରଫରୁ ଅଟେ । ***(ତଫ୍‌ସିର୍ କବୀର୍ ଖଣ୍ଡ-୨, ପୃ-୩୬୨-୩୬୩)***

ପୁନଶ୍ଚ ଆଉ ଏକ ଘଟଣା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି କି ସର୍ବୋତମ ଉଦାହରଣ ହଜ୍‌ରତ୍ ଅଲୀ ର:ଅଙ୍କ ବ୍ୟବହାରରୁ ଦେଖିବାକୁ ମିଳିଥାଏ । ଏକଦା ସେ କହିଲେ ଯେ, ଜଣେ ବ୍ୟକ୍ତି ଅନ୍ୟ ଏକ ବ୍ୟକ୍ତିକୁ ମାଡ଼ ମାରୁଛି । ହଜ୍‌ରତ୍ ଅଲୀ ର:ଅ ତାହାଙ୍କୁ ଅଟକାଇଲେ ଏବଂ ମାଡ଼ ଖାଉଥିବା ବ୍ୟକ୍ତିକୁ କହିଲେ ବର୍ତମାନ ତୁମେ ଏହାକୁ ପିଟ କିନ୍ତୁ ନିଷ୍ପେସିତ ମାଡ଼ ଖାଇଥିବା ବ୍ୟକ୍ତି ଜଣକ କହିଲା ମୁଁ ତାହାକୁ କ୍ଷମା କରିଦେଲି ହଜ୍‌ରତ୍ ଅଲୀ ର:ଅ ବୁଝି ନେଲେ ଯେ ଏ ନିରୀହ ବ୍ୟକ୍ତି ଭୟଭୀତ ହୋଇ ଉକ୍ତ ଅତ୍ୟାଚାରିକୁ ମାଡ଼ ମାରିବାକୁ ଅସ୍ୱୀକାର କରିଦେଲା । କାରଣ ମାଡ଼ ମାରିଥିବା ବ୍ୟକ୍ତିଜରକ ଅତ୍ୟନ୍ତ କ୍ରୁର ଓ କଠୋର ବ୍ୟକ୍ତି ଏଣୁ ଆପଣ କହିଲେ କି ତୁମେ ନିଜର ବ୍ୟକ୍ତିଗତ ଅଧିକାରକୁ ବିନିଯୋଗ କରି ଅବସ୍ୟ କ୍ଷମା କରିଦେଲ କିନ୍ତୁ ମୁଁ ବର୍ତମାନ କଠୋର ଅଧିକାର ଅର୍ଥାତ ଆଇନ୍‌କୁ ବିନିଯୋଗ କରୁଛି । ସେହି ବ୍ୟକ୍ତିକୁ ଏଭଳି ଦୟନିୟ ଭାବେ ମାଡ଼ ମାରଗଲା ଯେଉଁଭଳି ସେହି ବ୍ୟକ୍ତି ଏହି ନିଷ୍ପେସିତ ଅର୍ଥାତ ଦୁର୍ବଳ ବ୍ୟକ୍ତିକୁ ମାଡ଼ ମାରିଥିଲା ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି: ହଜ୍‌ରତ୍ ଅଲୀ ର:ଅଙ୍କ ଏକ ଘଟଣା ରହିଛି ଏବଂ ସେହି ଘଟଣା ହେଉଛି ଏହା କି ତାଙ୍କର ଏକ ମୋକଦ୍ଦମା ଯେତେବେଳେ ଜଣେ ମୁସଲ୍‌ମାନ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପେଶ୍ ହେଲା ସେତେବେଳେ ମାଜିଷ୍ଟ୍ରେଙ୍କ ଜଣକ ହଜ୍‌ରତ୍ ଅଲୀ ର:ଅଙ୍କୁ କିଛି ସମ୍ମାନ ଜଣାଇଲେ ଏହା ଦେଖି ହଜ୍‌ରତ୍ ଅଲୀ ର:ଅ କହିଲେ କି ଏହା ପ୍ରଥମ ଅନ୍ୟାୟ ଯାହା ତୁମେ କରିଛ । ଅର୍ଥାତ ତୁମେ ମୋ ପ୍ରତି ସମ୍ମାନ ପ୍ରଦର୍ଶନ କରିଛ । ବର୍ତମାନ ମୁଁ ଏବଂ ଏହି ବ୍ୟକ୍ତି ଦୁହେଁ ସମ୍ମାନ ଅଟୁ" । ***(ଖୁତ୍‌ବାତେ ମେହ୍‌ମୁଦ୍ ଖଣ୍ଡ-୧୬, ପୃ-୫୧୬)***

ହଜ୍‌ରତ୍ ମସିହ ମଉଦ୍ ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କ ମହାମ୍ନୀୟତା ସମ୍ପର୍କରେ ବର୍ଣ୍ଣନା କରି କୁହନ୍ତି । କଣ ହଜ୍‌ରତ୍ ଅଲୀ ର:ଅ ଜାତିର ସବୁଠୁ ଉଚ୍ଚକୋଟୀର ବାକ୍‌ପଟୁ ବ୍ୟକ୍ତି ଏବଂ ସେହି ଲୋକମାନଙ୍କୁ ମଧ୍ୟରୁ ଜଣେ ନଥିଲେ ଯିଏ ଶବ୍ଦରେ ଜୀବନ ନ୍ୟାସ ଦେଇ ଦେଉଥିଲେ ? ନିଜର ପାରଙ୍ଗତା ଓ ସୁଭାଷଣ ଯୋଗୁଁ ଶ୍ରୋତାମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିନେଉଥିଲେ, ପ୍ରଭାବିତ କରିନେଉଥିଲେ । ଯଦ୍ୱାରା ଲୋକମାନେ ତାଙ୍କ ନିକଟରେ ରୁଣ୍ଡ ହେଉଥିଲେ ଏକତ୍ରିତ ହୋଇଯାଉଥିଲେ ଏବ ଲୋକମାନଙ୍କୁ ବଶିଭୁତ କରିନେବା ଆପଣଙ୍କ ପାଇଁ ମାତ୍ର କିଛି ଘଂଟାରୁ କମ୍ ସମୟ ଲାଗୁଥିଲା" । ବରଂ ତା'ଠାରୁ ମଧ କମ୍ ସମୟ ଲାଗୁଥିଲା ଲୋକମାନଙ୍କୁ ନିଜ ବାକ୍ୟବାଣରେ ସେ ବଶିଭୁତ କରିନେଉଥିଲେ ।

***(ସିରରୁଲ୍ ଖିଲାଫା, ରୁହାନୀ ଖଜାଇନ୍, ଖଣ୍ଡ-୮, ପୃ-୩୫୦)***

ହଜ୍‌ରତ୍ ମସିହ ମଉଦ୍ ଆ:ସ କୁହନ୍ତି: ମୁଁ ତ ଏହା ଜାଣେ ଯେ କୌଣସି ବ୍ୟକ୍ତି ସେପର୍ଯ୍ୟନ୍ତ ବିଶ୍ୱାସକାରୀ ଓ ମୁସଲମାନ ହୋଇପାରିବନାହିଁ ଯେପର୍ଯ୍ୟନ୍ତ ହଜ୍‌ରତ୍ ଅବୁବକର, ହଜ୍‌ରତ୍ ଉମର୍, ହଜ୍‌ରତ୍ ଉସ୍‌ମାନ ଓ ହଜ୍‌ରତ୍ ଅଲୀ ର:ଅଙ୍କ ପରି ଆଚରଣ ପ୍ରଦର୍ଶନ କରିନାହିଁ । ସେମାନେ ସଂସାରକୁ ଭଲ ପାଉନଥିଲେ ବରଂ ସେମାନେ ନିଜ ଜୀବନକୁ ଅଲ୍ଲାଃ ତାଲାଙ୍କ ମାର୍ଗରେ ଉତ୍ସ୍‌ଗୀତ କରିଦେଇଥିଲେ । ***(ଲେକ୍‌ଚର୍ ଲୁଧିୟାନା, ରୁହାନୀ ଖଜାଇନ୍, ଖଣ୍ଡ-୨୦, ପୃ-୨୯୪)***

ପୁନଶ୍ଚ ଆପଣ କୁହନ୍ତି କି ଖୱାରିଜ୍ ମାନେ ହଜ୍‌ରତ୍ ଅଲୀ ର:ଅଙ୍କୁ ପାପୀ ଅବା ବ୍ୟଭିଚାରୀ ବୋଲି କହୁଥିଲେ ଓ ଅନେକ ଧର୍ମପରାୟଣ ବିରୋଦ୍ଧିୟ ପ୍ରସଙ୍ଗ ତାଙ୍କ ଆଡ଼କୁ ଇଙ୍ଗିତ କରୁଥିଲେ । ତାଙ୍କ ଉପରେ ଲାଞ୍ଛନା ଲଗାଉଥିଲେ ବରଂ ତାଙ୍କୁ ବିଶ୍ୱାସହୀନ ବ୍ୟକତି୍ ବୋଲି ମନେ କରୁଥିଲେ । ତାଙ୍କଠାରେ ଆଉ ବିଶ୍ୱାସ ନଥିଲା ସେ ବିଶ୍ୱାସର ଅଳଙ୍କାରରୁ ଶୂନ୍ୟ ହୋଇଯାଇଥିଲା ବୋଲି ବୁଝି ନେଇଥିଲେ ଏବେ ଏଠାରେ ସ୍ୱଭାବିକ ଏହି ପ୍ରଶ୍ନଟି ଉତ୍‌ଥାପିତ ହୁଏ ଯେ ଯଦିଓ ସତ୍ୟବାଦୀ ପାଇଁ ଧର୍ମ ପରାୟଣତା ଓ ବିଶ୍ୱସ୍ତତା ଏବଂ ଧର୍ମ ପରାୟଣତା ସର୍ତ ଅଟେ ତେବେ ଏହି ସମସ୍ତ ପ୍ରତିଷ୍ଠିତ ତଥା ଉଚ୍ଚ ଶ୍ରେଣୀୟ ବ୍ୟକ୍ତି ଯେଉଁମାନେ ରସୁଲ୍ ଓ ନବୀ ଅଟନ୍ତି, ଅଲ୍ଲାଃ ତାଲା ସେମାନଙ୍କର ଅବସ୍ଥାକୁ କାହିଁକି ଜନସାଧାଣଙ୍କ ଦୃଷ୍ଟିରେ ଶଙ୍କାୟମାନ କରିଦେଲେ । ଏହି ଲୋକମାନେ କାହିଁକି ସେମାନଙ୍କୁ ଠିକ୍ ଭାବରେ ବୁଝିପାରିଲେନାହିଁ ସେମାନଙ୍କ ଅବସ୍ଥା ଓ ଚାରିତ୍ରିକ ଅବସ୍ଥା ସଙ୍କାୟମାନ ଥିଲା ଏବଂ ସେମାନେ ସେହି ଖିଲାଫତ୍ ମାନଙ୍କର ଆଚରଣ, କର୍ମ ତଥା କଥନକୁ ବୁଝିବାରୁ ବଂଚିତ ରହିଲେ କି ସେମାନଙ୍କ ଧର୍ମ ପରାୟଣତା ବିଶ୍ୱସ୍ତତା, ନ୍ୟାୟପ୍ରିୟତାଠାରୁ ବର୍ହିଭୁତ ବୋଲି ଭାବିଥିଲେ ଏବଂ ଭାବିନେଲେ ଯେ ଯେପରି ସେହି ଲୋକମାନେ ଅନ୍ୟାୟ ଓ ଅନିତିରେ ଧନ ସେବନକାରୀ ଅନ୍ୟାୟରେ ରକ୍ତପାତକାରୀ, ମିଥ୍ୟାବାଦୀ, ବଚନଭଙ୍ଗକାରୀ, ସ୍ୱାର୍ଥବାଦୀ ଓ ପାପବୃତିଧାରି ବ୍ୟକ୍ତି ଥିଲେ ଯଦିଓ ସଂସାରରେ ଅନେକ ଲୋକମାନେ ମଧ୍ୟ ଦେଖିବାକୁ ମିଳନ୍ତି ଯେ, ନା ସେମାନେ ରସୁଲ୍ ହେବାର ଦାବି କରନ୍ତି ନା ସେମାନେ ନବୀ ହେବାର ଦାବି କରନ୍ତି ନା ସ୍ୱୟମ ୱଲି ଏବଂ ଇମାମ୍ ଓ ଖଲ୍‌ଫତୁଲ୍ ମୁସ୍‌ଲମିନ୍ ବୋଲାନ୍ତି ଏହା ସତ୍ୱେ ମଧ୍ୟ ସେମାନଙ୍କ ଆଚାର ବ୍ୟବହାର ଓ ଚାଲିଚଳନ ଜୀବନ ଉପରେ କୌଣସି ଆପତି କରାଯାଏନାହିଁ ବା ପ୍ରଶ୍ନ ଉଠନିଥାଏ । ତେବେ ଉକ୍ତ ପ୍ରଶ୍ନର ଉତର ଏହି କି ଯେ ଅଲ୍ଲାଃ ତାଲା ଏପରି କଲେ ଯେ ଯଦ୍ୱାରା ନିଜର ବିଶିଷ୍ଟ ସ୍ୱିକୃତିପ୍ରାପ୍ତ ଓ ପ୍ରୀୟଙ୍କୁ ମୂର୍ଖ ଓ ଦ୍ୱରିତକାରୀଙ୍କଠାରୁ ଯେଉଁମାନଙ୍କର ଅବିଶ୍ୱାସ ପଦର୍ଶନ କରିବା ଅଭ୍ୟାସ ଥିଲା ତାହାକୁ ଗୁପ୍ତ ରଖିବେ ଯେପରି ତାହାର ଅସ୍ତିତ୍ୱ ନିଜର ଏହିପରି କୁଧାରଣା ବ୍ୟକ୍ତିକାରୀଙ୍କଠାରୁ ଗୁପ୍ତ ରହିଥାଏ ।

***(ତରିୟାକୁଲ୍ କୁଲୁବ୍ ରୁହାନୀ ଖଜାଇନ୍ ଖଣ୍ଡ-୧୫, ପୃ-୪୨୨ ହାଶିୟା)***

ଅର୍ଥାତ ଏହି ଏପରି କହୁଥିବା ଲୋକମାନେ ସ୍ୱୟମ ମୂର୍ଖ ଅଟନ୍ତି ଏବଂ କୁଧାରଣା ପୋଷଣକାରୀ ବ୍ୟକ୍ତି ଅଟନ୍ତି । ଅଲ୍ଲାଃ ତାଲା ଯେଉଁଭଳି ଭାବରେ ନିଜକୁ ଲୁଚାଇ ରଖିଥାନ୍ତି କିନ୍ତୁ ଲୋକମାନେ ଅଲ୍ଲାଃ ତାଲାଙ୍କ ଉପରେ କୁଧାରଣା ପରିପ୍ରକାଶ କରନ୍ତି ସେହିଭଳି ତା'ର ଯେଉଁମାନେ ନିକଟତର ଅଟନ୍ତି ସେମାନଙ୍କ ଉପରେ ମଧ୍ୟ ଏହି ମୂର୍ଖ ବ୍ୟକ୍ତିମାନେ ସ୍ୱୟମ ଶିଘ୍ର ଆପତି କରିଦିଅନ୍ତି । ଏହି ଲୋକମାନେ ଯେଉଁମାନେ ପ୍ରକୃତରେ ଏପରି ଅଟନ୍ତି ଯେଉଁମାନଙ୍କ ମଧ୍ୟରେ ଧର୍ମପରାୟଣତା ନାହିଁ ଏମାନେ ଧର୍ମ ପରାୟଣ ବ୍ୟକ୍ତି ଉପରେ ଆପତି କରିଦେଇଥାନ୍ତି ।

ହଜ୍‌ରତ୍ ମସିହ ମଉଦ୍ ଆ:ସ କୁହନ୍ତି: ତହିଁରେ ମଧ ତିଳେମାତ୍ର ସନ୍ଦେହ ନାହିଁ ଯେ ହଜ୍‌ରତ୍ ଅଲୀ ର:ଅ ସତ୍ୟାନୁସନ୍ଧିଙ୍କ ପାଇଁ ଏକ ଆଶାର ସ୍ଥାନ ଓ ବଦାନ୍ୟଙ୍କ ପାଇଁ ଅତୁଲ୍ୟ ଆଦର୍ଶ ଓ ଅଲ୍ଲାଃ ତାଲାଙ୍କ ଭକ୍ତମାନଙ୍କ ପାଇଁ ହୁଜ୍ଜତୁଲ୍ଲାଃ ଥିଲେ ଅର୍ଥାତ ପ୍ରମାଣ ସିଦ୍ଧ ଥିଲେ । ସେହିପରି ନିଜ ସମୟରେ ଲୋକମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ବ୍ୟକ୍ତି ଥିଲେ ଏବଂ ଦେଶକୁ ଆଲୋକିତ କରିବାପାଇଁ ଅଲ୍ଲାଃ ତାଲାଙ୍କର ଜ୍ୟୋତି ଥିଲେ । କିନ୍ତୁ ତାଙ୍କର ଖିଲାଫତ୍‌ର ଅବଧି ଶାନ୍ତି ଓ ସହାବସ୍ଥାନର ସ୍ଥାନ ନଥିଲା ବରଂ ଉପଦ୍ରବ, ଅତ୍ୟାଚାର ଓ ଅନ୍ୟାୟ ପ୍ରଚଣ୍ଡ ତଥା ତିବ୍ର ବାୟୁଚାଳନାର ଯୁଗ ଥିଲା । ଜନତା ଆପଣଙ୍କ ଓ ଇବ୍‌ନେ ଅବି ସୁଫିୟାନଙ୍କ ଖିଲାଫତ୍ ବିଷୟରେ ମତଭେଦ ପୋଷଣ କରୁଥିଲେ ଏବଂ ସେହି ଦୁହିଁଙ୍କ ଆଡ଼କୁ ଆଚମ୍ବିତ ବ୍ୟକ୍ତି ପରି ଛଳଛଳ କରି ଦେଖୁଥିଲେ ଏବଂ କେତେକ ଲୋକ ସେହି ଦୁହିଁଙ୍କୁ ଆକାଶର ଫର୍‌କଦ୍ ନାମି ଦୁଇଟି ତାରକାମାନଙ୍କ ପରି ମନେ କରୁଥିଲେ ଓ ଦୁହିଁଙ୍କ ସମାନ୍ ମର୍ଯ୍ୟାଦା ବୋଲି ମଣୁଥିଲେ କିନ୍ତୁ ସତ୍ୟ ଏହି କି ଯେ ହକ୍ ହଜ୍‌ରତ୍ ଅଲୀ ମୁର୍‌ତେଜାଙ୍କ ସହିତ ଥିଲା ଯିଏ ତାଙ୍କର ସମୟରେ ତାଙ୍କ ସହିତ ଯୁଦ୍ଧ କଲା ସିଏ ବିଦ୍ରୋହ ଓ ଅହଙ୍କାରର ପ୍ରଦର୍ଶନ କରିଥିଲା କିନ୍ତୁ ତାଙ୍କର ଖିଲାଫତ୍ ସେହି ଶାନ୍ତିର ଚରିତାର୍ଥ ନଥିଲା ଯାହାର ଶୁଭ ସମାଚାର ଅଶେଷ ଦୟାବାନ ଅଲ୍ଲାଃଙ୍କ ପକ୍ଷରୁ ମିଳିଥିଲା ବରଂ ହଜ୍‌ରତ୍ ଅଲୀ ର:ଅ ମୁର୍‌ତେଜାଙ୍କୁ ସେହି ବିରୋଧିଙ୍କ ପକ୍ଷରୁ କଷ୍ଟ ଦିଆଗଲା ଏବଂ ତାଙ୍କ ଖିଲାଫତ୍‌କୁ ବିଭିନ୍ନ ପ୍ରକାରର ଓ ନାନା ପ୍ରକାରର ଉପଦ୍ରବ ଜରିଆରେ ପଦଦଳିତ କରାଯାଇଥିଲା । ତାଙ୍କ ଉପରେ ଅଲ୍ଲାଃ ତାଲାଙ୍କର ଅତ୍ୟନ୍ତ କୃପା ଅବତୀର୍ଣ୍ଣ ହୋଇଥିଲା କିନ୍ତୁ ଆଜିବନ ସେ ଦୁଃଖିତ ଓ କ୍ଷତ ହୃଦୟ ଧରି ଜୀବନ ଯାପନ କରିଥିଲେ । ପୂର୍ବ ଖଲିଫାଙ୍କ ପରି ଧର୍ମ ପ୍ରଚାର ଓ ପିଶାଚମାନଙ୍କୁ ପଥରମାରି ନୀହତ କରିବାକୁ ସଫଳ ହୋଇପାରିଲେ ନାହିଁ ବରଂ ତାଙ୍କ ଜାତିର ଲୋକମାନେ ତାଙ୍କୁ କଟାକ୍ଷ ଓ ବ୍ୟଙ୍ଗ ବିଦୃତ କରିବାକୁ ମଧ୍ୟ ନିସ୍ତାର ମିଳିଲା ନାହିଁ ଏବଂ ତାଙ୍କୁ ପ୍ରତ୍ୟେକ ଅଭିଳାଷ ଓ ଇଚ୍ଛାରୁ ବଂଚିତ କରିଦିଆଗଲା ଏବଂ ସେମାନେ ତାଙ୍କୁ ସାହାଯ୍ୟ କରିବାପାଇଁ ମଧ୍ୟ ଏକତ୍ରିତ ହେଲେନାହିଁ । ବରଂ ତାଙ୍କ ଉପରେ ନିରନ୍ତର ଅତ୍ୟାଚାର କରିବାକୁ ଏକତ୍ରିତ ହୋଇଗଲେ ଏବଂ ତାଙ୍କୁ କଷ୍ଟ ଦେବାକୁ ସେମାନେ ପଛଘୁଂଚା ଦେଲେନାହିଁ ବରଂ ତାଙ୍କୁ ଅଟକାଇଲେ ଏବଂ ତାଙ୍କର ପ୍ରତ୍ୟେକ ମାର୍ଗରେ ତାଙ୍କୁ ଜଗିବସିଲେ । ସେ ଧୈର୍ଯ୍ୟଶୀଳ ବ୍ୟକ୍ତି ଓ ପୂଣ୍ୟବାନ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଥିଲେ କିନ୍ତୁ ଏହା ସମ୍ଭବ ନୁହେଁ ଯେ ଆମେମାନେ ତାଙ୍କର ଖିଲାଫତ୍‌କୁ ଏହି ଆୟତେ (ଆୟତେ ଇସ୍‌ତେଖିଲାଫ୍) ଶୁଭ ସମାଚାରର ଚରିତାର୍ଥ ବୋଲି ମନେ କରିବୁ କାରଣ ତାଙ୍କର ଖିଲାଫତ୍ ବିଦ୍ରୋହ ଓ ଉପଦ୍ରବ କ୍ଷତିଜନିତ ଯୁଗରେ ଅଭ୍ୟୁଥାନ ହୋଇଥିଲା ।

***(ସିରରୁଲ୍ ଖିଲାଫା, ରୁହାନୀ ଖଜାଇନ୍, ଖଣ୍ଡ-୮, ପୃ-୩୫୨-୩୫୩)***

ହଜ୍‌ରତ୍ ମସିହ ମଉଦ୍ ଆ:ସ କୁହନ୍ତି:

ଏହି ଧର୍ମ ବିଶ୍ୱାସଟି ନିହାତି ଆବଶ୍ୟକ ଯେ ହଜ୍‌ରତ୍ ସିଦ୍ଦିକ୍ ଅକ୍‌ବର୍, ହଜ୍‌ରତ୍ ଉମର୍ ଫାରୁକ୍ ର:ଅ, ହଜ୍‌ରତ୍ ଜୁନ୍ ନୁରୈନ୍, ହଜ୍‌ରତ୍ ଉସ୍‌ମାନ ର:ଅ ଓ ହଜ୍‌ରତ୍ ଅଲୀ ମୁର୍‌ତେଜା ର:ଅ ସମସ୍ତେ ପ୍ରକୃତରେ ଧର୍ମ ପଥରେ ଜଣେ ଜଣେ ସନ୍ତକ ରକ୍ଷାକାରୀ ବ୍ୟକ୍ତିଥିଲେ ।

*(ମକ୍‌ତୁବାତେ ଅହ୍‌ମଦ୍, ଖଣ୍ଡ-୨, ପୃ-୧୫୧ ମକ୍‌ତୁବ୍ ନଂ-୨....)*

ପୁନଶ୍ଚ ହଜ୍‌ରତ୍ ମସିହ ମଉଦ୍ ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କ ମାର୍ଯ୍ୟାଦା ଓ ପ୍ରତିଷ୍ଠା ସମ୍ପର୍କରେ ଚର୍ଚ୍ଚା କରି କୁହନ୍ତି କି ହଜ୍‌ରତ୍ ଅଲୀ ର:ଅ ଜଣେ ଧର୍ମ ପରାୟଣ ବ୍ୟକ୍ତିଥିଲେ ଏବଂ ତାଙ୍କର ଅନ୍ତରଆତ୍ମା ପବିତ୍ର ଏବଂ ସେ ଏପରି ଲୋକମାନଙ୍କ ମଧ୍ୟରୁ ଜଣେ ଥିଲେ ଯେଉଁମାନେ ଅଶେଷ ଦୟାବାନ ଈଶ୍ୱରଙ୍କ ନିକଟରେ ସର୍ବାଧିକ ପ୍ରୀୟ ବ୍ୟକ୍ତିଥିଲେ ଏବଂ ସେ ଜାତିର ବୟଜ୍ୟୋଷ୍ଠ ତଥା ତାଙ୍କ ସମୟର ଅଧିପତିମାନଙ୍କ ମଧ୍ୟରୁ ଜଣେ ଥିଲେ ସେ ସର୍ବଶକ୍ତିମାନ ଈଶ୍ୱରଙ୍କ ସିଂହ ଥିଲେ । ଅଶେଷ ଦୟାବାନ ପରମବ୍ରହ୍ମାଙ୍କର ସେ ଜଣେ ସାହାସି ଓ ବଦାନ୍ୟ ତଥା ପବିତ୍ର ହୃଦୟ ବ୍ୟକ୍ତି ଥିଲେ । ସେ ଏଭଳି ଜଣେ ସାହାସି ବ୍ୟକ୍ତି ଥିଲେ ଯଦି ତାଙ୍କ ବିପକ୍ଷରେ ଶତ୍ରୁର ଏକ ବିଶାଳ ସେନା ଛିଡ଼ା ହେଇଯାଉଥିଲା ତେବେ ସେ ରଣଭୂମିରେ ନିଜର ସ୍ଥାନରୁ ନିମିତ ମାତ୍ର ଆନ୍ଦୋଳିତ ହେଉନଥିଲେ ଅର୍ଥାତ ହଟୁନଥିଲେ । ସେ ନିଜର ସମସ୍ତ ଜୀବନ ଅଭାବ ଓ ଅନାଟନ ଦେଇ ଅତିବାହିତ କରିଛନ୍ତି ଏବଂ ମାନବଜାତିର କିସମ ମଧ୍ୟରୁ ଭକ୍ତି ତଥା ପବିତ୍ରତାର ଶେଷ ସୀମା ପର୍ଯ୍ୟନ୍ତ ସେ ପହଂଚିଯାଇଛନ୍ତି । ସେ ଧନସମ୍ପତି ପ୍ରଦାନ କରିବାରେ ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶାକୁ ଦୂର କରିବାରେ ଏବଂ ଅନାଥ ତଥା ଦରିଦ୍ର ଓ ପଡ଼ୋଶୀମାନଙ୍କ ଯତ୍ନ ଓ ଧ୍ୟାନ ନେବାରେ ସର୍ବାଗ୍ରେ ଥିଲେ ସବୁଠାରୁ ଆଗଧାଡ଼ିରେ ରହିଥିଲେ । ସେ ଯୁଦ୍ଧରେ ବିଭିନ୍ନ ପ୍ରକାର ସାହାସିକତା ପୂର୍ଣ୍ଣ କୌଶଳ ପ୍ରଦର୍ଶନ କରିଥିଲେ । ଧନୁ ତୀର ଓ ଖଡ୍ଗ ଯୁଦ୍ଧରେ ସେ ଅଦ୍‌ଭୁଦ ପୂର୍ବ ବିରତ୍ୱର ଗାଥା ରଚନା କରିଯାଇଛନ୍ତି । ତତ୍‌ସହିତ ସେ ଅତ୍ୟନ୍ତ ମିଷ୍ଟଭାଷୀ ଓ ଉଚ୍ଚକୋଟୀର ଭାଷା ପ୍ରୟୋଗକାରୀ ଏବଂ ବାକ୍‌ପଟୁ ବ୍ୟକ୍ତିଥିଲେ । ତାଙ୍କର କଥନ ଗୁଡ଼ିକର ହୃଦୟର ଅତଳ ଗହ୍ୱର ପର୍ଯ୍ୟନ୍ତ ଓହ୍ଲାଇ ଯାଉଥିଲା ଯାହା ଦ୍ୱାରା ମସ୍ତିଷ୍କର କଳଙ୍କି ମଧ୍ୟ ପରିଷ୍କାର ହୋଇଯାଉଥିଲା ଏବଂ ପ୍ରମାଣର ଆଲୋକ ଦ୍ୱାରା ବିମଣ୍ଡିତ ହେଇଯାଉଥିଲା । ସେ ନାନାପ୍ରକାରର ଭାଷା ପ୍ରୟୋଗରେ ଅଭିଜ୍ଞ ଥିଲେ ଏବଂ ଯେଉଁ ବ୍ୟକ୍ତି ତାଙ୍କ ସହିତ ଏହିସବୁ ଗୁଣାବଳୀରେ ବିର୍ତକ କରୁଥିଲା ସେହି ବ୍ୟକ୍ତି ତାଙ୍କ ନିକଟରେ ପରାଜିତ ବରଣ କରୁଥିଲା ଏବଂ ତାଙ୍କୁ କ୍ଷମାଜାଚନା କରୁଥିଲେ । ସେ ପ୍ରତ୍ୟେକ ଗୁଣାବଳୀରେ ଏବଂ ଉଚ୍ଚକୋଟୀରେ ସମ୍ମାନିତ ଥିଲେ । ଯେଉଁ ବ୍ୟକ୍ତି ତାଙ୍କର ପୂର୍ଣ୍ଣତକୁ ଅସ୍ୱୀକାର କରୁଥିଲା ତେବେ ସେ ନିର୍ଲ୍ଲଜତା ମାର୍ଗ ଆପଣାଇଥିଲା । ସେ ଅସହାୟମାନଙ୍କ ଦୁଃଖ ଦୁର୍ଦ୍ଦଶାକୁ ଦୂର କରିବାପ୍ରତି ଦୃଷ୍ଟି ଆକର୍ଷଣକାରୀ ଓ ମିତବ୍ୟୟୀ ବ୍ୟକ୍ତି ଥିଲେ ଏବଂ ଦୁର୍ଦ୍ଦଶାଗ୍ରସ୍ତ ବ୍ୟକକ୍ତିମାନଙ୍କୁ ଖାଦ୍ୟ ଖୁଆଉଥିଲେ । ସେ ଅଲ୍ଲାଃ ତାଲାଙ୍କ ସମୀପତା ଲାଭ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ତତ୍‌ସହିତ ସେ କୁରାନୀୟ ଜ୍ଞାନକୁ ଆହରଣ କରିବାରେ ପୂର୍ବ ସାହାବାମାନଙ୍କ ମଧ୍ୟରୁ ଜଣେ ଥିଲେ । ତାଙ୍କ କୁରାନୀୟ ଗୁଢ଼ ରହସ୍ୟ ଅର୍ଥବୋଧର ଏକ ଅଦ୍‌ଭୂତ ପୂର୍ବ ବୌଦ୍ଧିକତା ପ୍ରଦାନ କରାଯାଇଥିଲା । ମୁଁ ଜାଗ୍ରତ ଅବସ୍ଥାରେ ତାଙ୍କୁ ଦେଖିଛି ନା କି ନିଦ୍ରାବସ୍ଥାରେ । ମୁଁ ସେହି ଅବସ୍ଥାରେ ହିଁ ଥିଲି ଯେ ସେ ମତେ ଆଦୃଷ୍ଟ ତଥା ସର୍ବଜ୍ଞ ଈଶ୍ୱରଙ୍କ ପୁସ୍ତକର ତଫ୍‌ସୀର୍ କବିର୍ ପ୍ରଦାନ କରିଥିଲେ ଏବଂ କହିଲେ ଏହା ମୋର ତଫ୍‌ସୀର୍ ଏବଂ ଏହା ବର୍ତମାନ ମୁଁ ଆପଣଙ୍କୁ ପ୍ରଦାନ କରୁଛି । ଅତଏବ ଆପଣଙ୍କୁ ଉକ୍ତ ପୁରସ୍କାର ଲାଗି ଅଭିନନ୍ଦନ ଅର୍ଥାତ ହଜ୍‌ରତ୍ ଅଲୀ ର:ଅ ସେହି ତଫ୍‌ସୀର ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ପ୍ରଦାନ କରିଥିଲେ ଏବଂ କହିଲେ ଆପଣଙ୍କୁ ଏହି ଭେଟିଲାଗି ଅଭିନନ୍ଦନ ଜଣାଉଛି । ଯେଉଁ ଅଭିନନ୍ଦନକୁ ଗ୍ରହଣ କରିବାପାଇଁ ମୁଁ ମୋର ହାତକୁ ଆଗକୁ ବଢ଼ାଇଲି ଏବଂ ମୁଁ ସର୍ବଶକ୍ତିମାନ ଓ ସାମର୍ଥ୍ୟ ପ୍ରଦାନକାରୀ ଅଲ୍ଲାଃଙ୍କ କୃତଜ୍ଞତା ଜ୍ଞାପନ କଲି । ମୁଁ ହଜ୍‌ରତ୍ ଅଲୀ ର:ଅଙ୍କୁ ମାନବଜାତି ମଧ୍ୟରେ ଉପଯୁକ୍ତ ଓ ଆଚାର ବ୍ୟବହାରରେ ସଂକଳ୍ପ ବଧ ତଥା ଅତିଥି ସତ୍କାର ସ୍ୱଭାବ, ପ୍ରକାଶବାନ ପ୍ରଜ୍ଞାବାନ ରୂପେ ପାଇଲି ଏବଂ ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଛି ଯେ ସେ ମତେ ଅତ୍ୟନ୍ତ ପ୍ରେମ ତଥା ଆନ୍ତରିକତା ଭାବ ପ୍ରଦର୍ଶନକରି ସାକ୍ଷାତ କଲେ ଓ ମୋ ମନରେ ଏହି କଥା ଉଦ୍ରେକ ହେଲା କି ସେ ମତେ ଓ ମୋର ଆସ୍ଥା ବିଶ୍ୱାସ ସହିତ ଭଲଭାବରେ ପରିଚିତ ଅଛନ୍ତି ଏବଂ ମୁଁ ନିଜର ଧର୍ମମତ ଓ ଅଭିମତରେ ଶିହାମାନଙ୍କ ସହିତ ଯେଉଁ ମତଭେଦ ରଖିଛି ତାହା ସହିତ ମଧ୍ୟ ସେ ଭଲ ଭାବରେ ପରିଚିତ ଅଛନ୍ତି କିନ୍ତୁ ସେ କୌଣସି ପ୍ରକାର ଅପ୍ରିତିକର ଭାବ କିମ୍ବା ବିଦ୍ୱେଷ ଭାବର ପ୍ରଦର୍ଶନ କଲେନାହିଁ ନା ମତେ ଉପେକ୍ଷା କଲେ ବରଂ ସେ ମତେ ସାକ୍ଷାତ କଲେ ଓ ନୈଷ୍ଟିକ ପ୍ରେମୀ ପରି ମତେ ପ୍ରେମ କଲେ, ସ୍ନେହ ଆଦର କଲେ ସତ୍ୟ ତଥା ନିଷ୍କପଟ ହୃଦୟ ରଖୁଥିବା ବ୍ୟକ୍ତିଙ୍କ ପରି ମୋ ପ୍ରତି ପ୍ରତିଭାବ ପ୍ରଦର୍ଶନ କଲେ ଏବଂ ତାଙ୍କ ସହିତ ଅର୍ଥାତ ହଜ୍‌ରତ୍ ଅଲୀ ର:ଅଙ୍କ ସହିତ କେବଳ ହୁସୈନ୍ ନୁହେଁ ବରଂ ହସନ୍ ଓ ହୁସୈନ୍ ଦୁହେଁ ଥିଲେ ତଥା ନବୀ ଶିରୋମଣୀ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ମଧ୍ୟ ଥିଲେ ତାଙ୍କ ସହିତ ଜଣେ ଅତ୍ୟନ୍ତ ସୌନ୍ଦର୍ଯ୍ୟମୟ ପୂଣ୍ୟବାନ ମହାମନା ମଙ୍ଗଳପ୍ରଦ, ସମ୍ମାନଯୋଗ୍ୟା ପ୍ରତିଷ୍ଠିତା ଭିତର ଓ ବାହାରେ ଆପାଦମସ୍ତକ ପ୍ରକାଶର ଅଧିକାରିଣୀ ଯୁବତୀ ମହିଳା ମଧ୍ୟ ଥିଲେ ଯାହାଙ୍କୁ ମୁଁ ଦୁଃଖିତ ଅବସ୍ଥାରେ ଦେଖିବାକୁ ପାଇଲି କିନ୍ତୁ ସେ ତାହାକୁ ଲୁଚାଉଥିଲେ ଏବଂ ମୋ ମନରେ ଏହା ଜାତ କରାଗଲା ଯେ ସେହି ମହିଳା ଜଣକ ହେଉଛନ୍ତି ହଜ୍‌ରତ୍ ଫାତିମାତୁଲ୍ ଜୋହ୍‌ରା ର:ଅ ସେ ମୋ ନିକଟକୁ ଆସିଲେ ଏବଂ ମୁଁ ସେତେବେଳେ ବିଶ୍ରାମ ନେଉଥିଲି ଅତଏବ ସେ ଆସି ମୋ ନିକଟରେ ବସି ପଡ଼ିଲେ ଏବଂ ମୋର ମସ୍ତକକୁ ଉଠାଇ ନିଜ ଜଙ୍ଘ ଉପରେ ରଖିଦେଲେ ଏବଂ ମୋ ସହିତ ମମତାମୟୀ ମାଆ ସଦୃଶ ଭାବ ପ୍ରଦର୍ଶନ କଲେ ଏବଂ ମୁଁ ଦେଖିଲି କି ସେ ମୋ ଦୁଃଖ ଯୋଗୁଁ ଦୁଃଖିତ ଏବଂ ଶୋକାଗ୍ରସ୍ତ ଅଛନ୍ତି ଏବଂ ଯେପରି ପିଲାମାନଙ୍କ କଷ୍ଟ ଯୋଗୁଁ ମାଆ ମାନେ ପୂର୍ଣ୍ଣ ଅଧିର ଓ ଅଶାନ୍ତଭାବ ପରିପ୍ରକାଶ କରିଥାନ୍ତି । ଏହି କଥାରେ ଅଣଅହେମଦୀ ଲୋକମାନେ ମଧ୍ୟ ଆପତି କରିଦିଅନ୍ତି ଯେ ଦେଖନ୍ତୁ କେମିତି ମନ୍ଦ କଥା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ହଜ୍‌ରତ୍ ଫାତିମା ର:ଅ ନିଜ ଜଙ୍ଘରେ ତାଙ୍କ ମୁଣ୍ଡ ରଖିଦେଲେ । ଯଦିଓ ଏହି ଉଦାହରଣଟି ମାଆମାନଙ୍କ ପରିପ୍ରେକ୍ଷୀରେ ହଜ୍‌ରତ୍ ମସିହ ମଉଦ୍ ଆ:ସ ବର୍ଣ୍ଣନା କରୁଛନ୍ତି ଓ ଏହା ପୂର୍ବରୁ ଯେଉଁ ସମସ୍ତ ପୂଣ୍ୟବଳୀଗୁଡ଼ିକ ବର୍ଣ୍ଣନା ରହିଛି ତାହାକୁ ଧ୍ୟାନପୂର୍ବକ ପଢ଼ନ୍ତୁ ଏବଂ ପୁନଶ୍ଚ ଏହି ବାକ୍ୟକୁ ଅନୁଧ୍ୟାନ କରନ୍ତୁ କି ହଜ୍‌ରତ୍ ଫାତିମା ର:ଅ ଜଣେ ମମତାମୟୀ ମାଆ ପରି ସ୍ନେହ ଓ ଆଦର ଭାବ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସହ ପ୍ରଦର୍ଶନ କରିଥିଲେ କିନ୍ତୁ ନୀଚ ମାନସିକତା ରଖୁଥିବା ବ୍ୟକ୍ତିମାନଙ୍କ ମନରେ ହିଁ ଏହିଭଳି ଭାବ ଓ ଏହିଭଳି ଆପତି ସୃଷ୍ଟି ହୋଇଥାଏ । ସେ ଯାହା ହେଉନା କାହିଁକି ହଜ୍‌ରତ୍ ମସିହ ମଉଦ୍ ଆ:ସ କୁହନ୍ତି: ପୁନଶ୍ଚ ମତେ କୁହାଗଲା କି ଧାର୍ମିକ ସମ୍ପର୍କରେ ତାଙ୍କ ନିକଟରେ ମୋର ଅସ୍ତିତ୍ୱ ଜଣେ ପୁତ୍ର ସଦୃଶ ମୋ ମନରେ ଏହି ବିଚାରଟି ଆସିଲା କି ତାଙ୍କର ଦୁଃଖିତ ହେବା ଅର୍ଥାତ ହଜ୍‌ରତ୍ ଫାତିମା ର:ଅଙ୍କ ଦୁଃଖିତ ହେବାରେ ଏକଥା ଲୁଛି ରହିଛି ଯେ, ମୁଁ ଜାତି ଓ ଦେଶବାସୀ ଓ ଶତୃପକ୍ଷଙ୍କଠାରୁ ଅତ୍ୟାଚାର ପ୍ରଦର୍ଶନ ହେବାର ଦେଖିବି । ପୁନଶ୍ଚ ହଜ୍‌ରତ୍ ହସନ୍ ଓ ହୁସୈନ୍ ର:ଅ ଦୁହେଁ ମୋ ନିକଟକୁ ଆସିଲେ ଏବଂ ଭାଇମାନଙ୍କ ପରି ମତେ ପ୍ରେମ ଭାବ ପରିପ୍ରକାଶ କରିବାକୁ ଲାଗିଲେ ଏବଂ ସହାନୁଭୂତି ପୂର୍ଣ୍ଣ ଭାଇଙ୍କ ପରି ମତେ ସାକ୍ଷାତ କଲେ । ଏହି କଶ୍‌ଫ୍‌ଟି ଅର୍ଥାତ ସ୍ୱପ୍ନଟି ଜାଗ୍ରତ ଅବସ୍ଥାର ସ୍ୱପ୍ନ ମଧ୍ୟରୁ ଗୋଟିଏ ଥିଲା ଏବଂ ଏହା ଉପରେ ଅନେକ ବର୍ଷ ବିତିଗଲାଣି ମତେ ହଜ୍‌ରତ୍ ଅଲୀ ର:ଅଙ୍କ ସହିତ ଓ ହଜ୍‌ରତ୍ ହୁସୈନ୍ ର:ଅଙ୍କ ସହିତ ଏକ ସୂକ୍ଷ୍ମ ତଥା ପବିତ୍ର ସମ୍ପର୍କ ରହିଛି ଉକ୍ତ ସମ୍ପର୍କର ବାସ୍ତବିକତାକୁ ପୂର୍ବ ଓ ପଶ୍ଚିମର ଈଶ୍ୱରଙ୍କ ବ୍ୟତିତ ଅନ୍ୟ କେହି ଜାଣନ୍ତି ନାହିଁ ଏବଂ ମୁଁ ହଜ୍‌ରତ୍ ଅଲୀ ଓ ତାଙ୍କର ଦୁଇ ପୁତ୍ରକୁ ଭଲପାଏ ଏବଂ ଯେଉଁ ବ୍ୟକ୍ତି ତାଙ୍କ ପ୍ରତି ଶତୃତା ରଖେ ମୁଁ ମଧ୍ୟ ସେହି ବ୍ୟକ୍ତି ସହ ଶତୃତା ରଖୁଛି ଏବଂ ଯେଉଁ ବ୍ୟକ୍ତି ତାଙ୍କ ପ୍ରତି ଅଶିଷ୍ଟ ଭାବ ଓ ତାଙ୍କର ଅସମ୍ମାନ କରେ ସେ ମୋ ପାଇଁ ମଧ୍ୟ ସମାନ୍ ଆଚରଣ ପ୍ରଦର୍ଶନ କରୁଛି ଅଲ୍ଲାଃ ତାଲା ମୋ ଉପରେ ଯାହା ସ୍ପଷ୍ଟ କଲେ ମୁଁ ତାହାକୁ ନା ତ ଉପେକ୍ଷା କରିବି ଏବଂ ନା ମୁଁ ସୀମା ଲଘଂନକାରୀଙ୍କ ମଧ୍ୟରେ ରହିବି । ଯଦି ତୁମେ ମତେ ସ୍ୱୀକାର ନ କର ତାହେଲେ ମୋର କର୍ମ ମୋ ପାଇଁ ଏବଂ ତୁମର କର୍ମ ତୁମ ପାଇଁ ଅଲ୍ଲାଃ ତାଲା ଆମ ମଧ୍ୟରେ ଓ ତୁମମାନଙ୍କ ମଧ୍ୟରେ ଅବଶ୍ୟ ନ୍ୟାୟ ବିଚାର କରିବେ ଏବଂ ସେ ନ୍ୟାୟ ପ୍ରଦାନ କାରୀଙ୍କ ମଧ୍ୟରୁ ସର୍ବତ୍କୃଷ୍ଟ ନ୍ୟାୟ ପ୍ରଦାନକାରୀ ଅଟନ୍ତି ।

*(ସିରରୁଲ୍ ଖିଲାଫା, ରୁହାନୀ ଖଜାଇନ୍, ଖଣ୍ଡ-୮, ପୃ-୩୫୮-୩୫୯)*

ବର୍ତମାନ ହଜ୍‌ରତ୍ ଅଲୀ ର:ଅଙ୍କ ଚର୍ଚ୍ଚା ସମାପ୍ତ ହେଲା । ଇନ୍‌ଶାଅଲ୍ଲାଃ ତାଲା ଆଗାମୀ ଖୁତ୍‌ବାରେ ଅନ୍ୟ ପ୍ରସଙ୍ଗରେ ଚର୍ଚ୍ଚା ଆରମ୍ଭ ହେବ ।

ବର୍ତମାନ ମୁଁ ଏହା ଘୋଷଣା କରିବାକୁ ଚାହୁଁଛି ଯେ ଇନ୍‌ଶାଅଲ୍ଲାଃ ନମାଜ ପରେ ମୁଁ ଏକ ନୂତନ ଟିଭି ଚ୍ୟାନେଲ୍‌ର ଉଦ୍‌ଘାଟନ କରିବି ଯାହା ୨୪ ଘଂଟାର ପ୍ରସାରଣ କରିବ ଉକ୍ତ ଚ୍ୟାନେଲଟି ହେଲା ଏମ୍.ଟି.ଏ ଘାନା । ଘାନାରେ ୨୦୧୭ ମସିହାରେ ଓ୍ୱହାବ ଆଦମ ଷ୍ଟୁଡ଼ିଓର ସ୍ଥାପନ ହୋଇଥିଲା । ଏହି ଓ୍ୱହାବ ଆଦମ ସାହେବ୍ ହେଉଛନ୍ତି ଅବ୍‌ଦୁଲ୍ ଓ୍ୱହାବ ଆଦମ ଯିଏ ଅମୀର୍ ଯମାତ୍ ଥିଲେ ଏବଂ ଘାନାର ମିଶ୍‌ନାରୀ ଇନ୍‌ଚାର୍ଜ ଥିଲେ । ତାଙ୍କ ନାମାନୁଯାୟୀ ଉକ୍ତ ଚ୍ୟାନେଲର ନାମକରଣ କରାଯାଇଛି । ସେ ଯାହା ହେଉନା କାହିଁକି ଏମ୍‌ଟିଏ ଆଫ୍ରିକା ଚ୍ୟାନେଲ୍‌ର ସାମ୍ପ୍ରତିକ କାର୍ଯ୍ୟକ୍ରମଗୁଡ଼ିକର ୬୦ ପ୍ରତିଶତ ଅଂଶ ଉକ୍ତ ଷ୍ଟୁଡ଼ିଓରେ ହିଁ ପ୍ରସ୍ତୁତ ହେବ । ଷ୍ଟୁଡ଼ିଓରେ ୧୭ ଜଣ ଫୁଲ୍ ଟାଇମ୍ କର୍ମଚାରୀ କର୍ମରତ ଅଛନ୍ତି ଏବଂ ୬୦ରୁ ଉର୍ଦ୍ଧ ସ୍ୱେଚ୍ଛାସେବୀମାନେ ମଧ୍ୟ ରହିଛନ୍ତି ଯେଉଁମାନେ ବିଭିନ୍ନ ବିଭାଗରେ କୁଶଳୀ ଅଛନ୍ତି । ଅର୍ଥାତ ତାଲିମ୍ ପ୍ରାପ୍ତ ଅଟନ୍ତି । ଓ୍ୱହାବ ଆଦମ୍ ଷ୍ଟୁଡ଼ିଓଟି ଘାନାର ନବିନତମ ଷ୍ଟୁଡ଼ିଓ ମଧ୍ୟରୁ ଅନ୍ୟତମ । ତହିଁରେ ଅନେକ ଉତ୍କୃଷ୍ଟଧରଣର ସୁବିଧା ଉପଲବ୍ଧ ରହିଛି ବିଭିନ୍ନ ଗଣମାଧ୍ୟମ ଓ ପ୍ରସାରଣକାରୀ ସଂସ୍ଥା ପ୍ରଶିକ୍ଷଣ ଉଦ୍ଦେଶ୍ୟ ଓ କାର୍ଯ୍ୟର ଅଭିଜ୍ଞତା ପାଇଁ ନିଜର କର୍ମୀମାନଙ୍କୁ ସେହି ଷ୍ଟୁଡ଼ିଓକୁ ପ୍ରେରଣ କରନ୍ତି । ଷ୍ଟୁଡ଼ିଓ ଅନେକ କାର୍ଯ୍ୟକ୍ରମମାନ ପ୍ରଶାରଣ କରିଥାଏ । ତନ୍ମଧ୍ୟରେ ଆଫ୍ରିକାର ପ୍ରଥମ ତିଲାଓ୍ୱତେ କୁର୍‌ଆନ୍ କରିମ୍‌ର ପ୍ରତିଯୋଗିତା ଏବଂ ରମ୍‌ଜାନ ମୁବାରକ୍ ମାସର କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟ ଅର୍ନ୍ତଭୁକ୍ତ । ଏମ୍‌ଟିଏ ଘାନା ନାମରେ ବର୍ତମାନ ଏକ ନୂତନ ଚ୍ୟାନେଲ୍ ଲଂଚ କରାଯାଉଛି ଏହି ଡ଼ିଜିଟାଲ୍ ପ୍ଲାଟଫର୍ମରେ ୨୪ ଘଂଟା ଧରି କାର୍ଯ୍ୟକ୍ରମ ପ୍ରଶାରଣ କରାଯିବ । ଏମ୍‌ଟିଏ ଘାନା ସାଟେଲାଇଟ୍ ଡ଼ିଶ୍ ଆବଶ୍ୟକତା ବ୍ୟତିତ ଏକ ସାଧାରଣ ଏରିଅଲ୍ ଆଂଟିନା ମାଧ୍ୟମରେ ମଧ୍ୟ ଦେଖାଯାଇପାରିବ ଏହାର ଅର୍ଥ ଯେ ଘାନାର ଲୋକମାନେ ଅତି ସହଜରେ ଉକ୍ତ ଚ୍ୟାନେଲ୍‌ର ପ୍ରଶାରଣ ଦେଖିପାରିବେ ଏହା ସାଧାରଣ ଆଂଟିନାରେ ମଧ୍ୟ ଉପଲବ୍ଧ ହୋଇପାରିବ ଉକ୍ତ ଚ୍ୟାନେଲଟି ସେହି ସ୍ଥାନ ଓ ସେହି ଲୋକେଶନ୍‌ରେ ଉପଲବ୍ଧ ହେବ ଯେଉଁଠି ଘାନାର ବଡ଼ ବଡ଼ ଚ୍ୟାନେଲ୍ ଉପଲବ୍ଧ ରହିଛି ଏବଂ ଏହି କ୍ରମରେ ଦେଶର ଅନତି ଦୁରରେ ବାସ କରୁଥିବା ଲକ୍ଷାଧିକ ଲୋକ ଘରେ ବସି ଏ ସମସ୍ତ କାର୍ଯ୍ୟକ୍ରମ ଦେଖିପାରିବେ ଏବଂ ଦକ୍ଷିଣରୁ ନେଇ ଉତର ପର୍ଯ୍ୟନ୍ତ ସମସ୍ତ ଇଲାକାକୁ ଉକ୍ତ ଚ୍ୟାନେଲ୍‌ଟି କଭର କରିବ ଇନ୍‌ଶାଅଲ୍ଲାଃ ତାଲା । ଘାନାର ବିଭିନ୍ନ ଭାଷାରେ ମଧ୍ୟ ଓ୍ୱହାବ

ଆଦମ୍ ଷ୍ଟୁଡ଼ିଓରୁ କାର୍ଯ୍ୟକ୍ରମମାନ ପ୍ରଶାରଣ କରାଯିବ ତନ୍ମଧ୍ୟରେ ଇଂରାଜୀ, ଚୁଇ, ଗା(GA), ହାଉସା ଏବଂ ଅନ୍ୟାନ୍ୟ ଭାଷା ମଧ୍ୟ ରହିଛି । ଚ୍ୟାନେଲ୍‌ର ଟ୍ରାନ୍ସମିସନ୍ ଶିଡ୍ୟୁଲିଙ୍ଗ୍ କାର୍ଯ୍ୟକ୍ରମ ସେଠିକାର ଲଜ୍‌ନାର ସ୍ୱେଚ୍ଛାସେବୀ ଓ ଅନ୍ୟାନ୍ୟ ଟିମ୍ ଗୁଡ଼ିକ କରିଥାନ୍ତି । ଚାରିତ୍ରିକ ଓ ଶିକ୍ଷଣୀୟ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟ ପ୍ରସ୍ତୁତ ହେବ । ଏହି ପ୍ରସଙ୍ଗନୁକ୍ରମେ ଇସ୍‌ଲାମ୍‌ର ସଠିକ୍ ଓ ସୁନ୍ଦର ଶିକ୍ଷାରୁ ଲୋକମାନେ ଉପକୃତ ହୋଇପାରିବେ ଇନ୍‌ଶାଅଲ୍ଲାଃ ତାଲା । ଉକ୍ତ ଚ୍ୟାନେଲ୍ ମାଧ୍ୟମରେ ଏମ୍‌ଟିଏ ଘାନା ଦେଶରେ ଡ଼ିଜିଟାଲ୍ ପ୍ଲାଟଫର୍ମ ମଧ୍ୟରେ ଇସ୍‌ଲାମୀୟ ଶିକ୍ଷା ପାଇଁ ସମ୍ପୁର୍ଣ୍ଣ ରୂପେ ଏକମାତ୍ର ଉତ୍ସର୍ଗୀକୃତ ଚ୍ୟାନେଲ ହେବ ।

ବିରୋଧିମାନେ ଗୋଟିଏ ପଟେ ଆମର ଗୋଟିଏ ସ୍ଥାନକୁ ବନ୍ଦ କରିବାକୁ ଚେଷ୍ଟା କରୁଛନ୍ତି ଅପରପକ୍ଷରେ ଅଲ୍ଲାଃ ତାଲା ଆମମାନଙ୍କ ପାଇଁ ଅନେକ ମାର୍ଗ ଉନ୍ମୁକ୍ତ କରିଦେଉଛନ୍ତି । ସୁଗମ କରିଦେଉଛନ୍ତି । ଏହା ହେଉଛି ଯମାତ୍ ଉପରେ ଅଲ୍ଲାଃ ତାଲାଙ୍କର କୃପା ଏବଂ ଯେଉଁ ମାର୍ଗଗୁଡ଼ିକ ବନ୍ଦ ରହିଛି ଅଲ୍ଲାଃ ତାଲା ତାହାକୁ ମଧ୍ୟ ଉନ୍ମୁକ୍ତ କରିଦିଅନ୍ତୁ ଇନ୍‌ଶାଅଲ୍ଲାଃ ତାଲା । କିନ୍ତୁ ଏଥିସହିତ ଅଲ୍ଲାଃ ତାଲା ଆମକୁ ଆନନ୍ଦର ସାଧନ ମଧ୍ୟ ଯୋଗାଇ ଦେଇଥାନ୍ତି । ତେବେ ସେ ଯାହା ହେଉନା କାହିଁକି ଉକ୍ତ ଚ୍ୟାନେଲଟି କେବଳ ଏହି ଘାନା ଦେଶକୁ କଭର କରିବ ତାହା ନୁହଁ ବରଂ ପଡ଼ୋଶୀ ଦେଶର କିଛି ଅଂଚଳଗୁଡ଼ିକୁ ମଧ୍ୟ ବୋଧ ହୁଏ କଭର କରିବ । ଯେପରି ମୁଁ କହିଲି କି ନମାଜ ଜୁମା ପରେ ଉକ୍ତ ଚ୍ୟାନେଲ୍‌ର ମୁଁ ଶୁଭ ଉଦ୍‌ଘାଟନ କରିବି । ଇନ୍‌ଶାଅଲ୍ଲାଃ

ଦ୍ୱିତୀୟ କଥା ଯେପରି ମୁଁ ଆପଣମାନଙ୍କୁ ପୂର୍ବରୁ ଦୃଷ୍ଟି ଆର୍କଷଣ କରୁଅଛି ଯେ ଆଜିକାଲି ପାକିସ୍ତାନ ଓ ଉପଦ୍ୱୀପରେ ଥିବା ଅସିରାନେ ରାହେ ମୌଲାଙ୍କ ପାଇଁ ଅର୍ଥାତ ଅଲ୍ଲାଃଙ୍କ ପାଇଁ ଜେଲ୍ ଦଣ୍ଡ ଭୋଗୁଥିବା ଲୋକମାନଙ୍କ ପାଇଁ ଦୁଆ କରିବେ ବିଶେଷ କରି ଅଲ୍ଲାଃ ତାଲା ସେମାନଙ୍କର ମୁକ୍ତ ହେବାର ସାଧନ ସୃଷ୍ଟି କରିଦିଅନ୍ତୁ, ପଥ ସୁଗମ କରନ୍ତୁ, ପଥ ପରିସ୍କାର କରିଦିଅନ୍ତୁ । ପାକିସ୍ତାନର ସାମୁହିକ ଅବସ୍ଥା ପାଇଁ ମଧ୍ୟ ଦୁଆ କରନ୍ତୁ ଅଲ୍ଲାଃ ତାଲା ଅହେମଦୀମାନଙ୍କୁ ସେଠାରେ ଶାନ୍ତିପୂର୍ଣ୍ଣ ଭାବେର ଜୀବନ ଯାପନ କରିବାପାଇଁ ସାମର୍ଥ ପ୍ରଦାନ କରନ୍ତୁ । ଯଦି ବିରୋଧିମାନଙ୍କ ମୁଣ୍ଡରେ ବୁଦ୍ଧି ଅଛି ତାହେଲେ ଅଲ୍ଲାଃ ତାଲା ସେମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ କିନ୍ତୁ ଏହା ପରେ ଯଦି ସେମାନଙ୍କର ସଂସ୍କାର ଅସମ୍ଭବ ତେବେ ଅଲ୍ଲାଃ ତାଲା ସେମାନଙ୍କ ସହିତ ଯାହା ବ୍ୟବହାର ପ୍ରଦର୍ଶନ କରିବାକୁ ଚାହୁଁଛନ୍ତି ତାହା କରିଦିଅନ୍ତୁ ଏବଂ ସେମାନଙ୍କ ଅନ୍ୟାୟ ଓ ଅତ୍ୟାଚାରରୁ ଯଥାଶିଘ୍ର ଆମମାନଙ୍କୁ ମୁକ୍ତି ପ୍ରଦାନ କରନ୍ତୁ । ଅହେମଦୀମାନଙ୍କୁ ବିଶେଷ କରି ଏବଂ ଖୁଦ୍ ପାକିସ୍ତାନର ଲୋକମାନେ ମଧ୍ୟ ଆଜିକାଲି ନୱାଫିଲ୍ ଓ ଦୁଆ ଏବଂ ଦାନଧ୍ୟାନ ପ୍ରତି ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଅଲ୍ଲାଃ ତାଲା ସେମାନଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । ଆମିନ୍.......

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ହଜ୍‌ରତ୍ ମୁହମ୍ମଦ ସ:ଆ:ସ ତ ଏକଥା କହିଦେଇଛନ୍ତି ଯେ, ଯେଉଁ ବ୍ୟକ୍ତି ମଣିଷର କୃତଜ୍ଞତା ଜ୍ଞାପନ କରେନାହିଁ ସେ ଖୁଦାତାଲାଙ୍କର ମଧ୍ୟ କୃତଜ୍ଞତା ଜ୍ଞାପନ କରେନାହିଁ । ଅତଏବ ଏହି କୃତଜ୍ଞତା ଏକଥା ଚାହୁଁଛି ଯେ, ଆମେ ଏ ଦେଶରେ ରହି ଏଠିକାର କାନୁନ ମାନି ଚଳିବା । ଏଠିକାର ଲୋକମାନଙ୍କର ସେବା ପ୍ରତି ଧ୍ୟାନ ଦେବା ଏବଂ ଯେତିକି ହୋଇପାରେ ଏ ଦେଶର ଉନ୍ନତି ପାଇଁ କାମ କରିବା ମୋର ଏ ଆଶା ଯେ ଇନ୍‌ଶାଅଲ୍ଲାଃ ଆମ ଅହେମଦୀମାନେ ଏହି ଚିନ୍ତାଧାରା ରଖି ଏଠାରେ ରହିବେ ଏବଂ ଏହି ଚିନ୍ତାଧାରା ରଖି କାମ କରିବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଯଦି ଆପଣମାନଙ୍କ ମନରେ କୌଣସି ଚିନ୍ତା ଅଛି, କୌଣସି ରିଜରଭେସନ୍ ଅଛି, କୌଣସି ଶଙ୍କା ରହିଛି ଯେ, ବୋଧ ହୁଏ ଅହେମଦୀ ମୁସଲମାନ ଏଠାକୁ ଆସି ଏହି ମସ୍‌ଜିଦ୍‌କୁ ତିଆରି କରି କୌଣସି ପ୍ରକାର ବିଭ୍ରାଟ ସୃଷ୍ଟି ନ କରନ୍ତୁ ତେବେ ବିଶ୍ୱାସ ରଖନ୍ତୁ ଯେ, ଇନ୍‌ଶାଅଲ୍ଲାଃ ଆମେ ବିଭ୍ରାଟର କାରଣ ହେଉନାହୁଁ ବରଂ ଆପଣମାନଙ୍କ ସେବା କରିବେ ଏବଂ ଇନ୍‌ଶାଅଲ୍ଲାଃ ସେହି ପ୍ରକୃତ ଇସ୍‌ଲାମୀୟ ଶିକ୍ଷା ଏଠାରେ ପ୍ରସାର କରିବେ, ନିଜ କର୍ମ ଦ୍ୱାରା ଦେଖାଇ ଦେବେ ଯାହା ଆମକୁ ହଜ୍‌ରତ୍ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ଶିଖାଇଛନ୍ତି ଏବଂ ପବିତ୍ର କୋରାନ୍ ଦେଇଛି ଧନ୍ୟବାଦ ଯଜାକଅଲ୍ଲାଃ ।

ହଜୁର ଅନଓ୍ୱର ଅ:ବ:ଅଙ୍କର ଏହି ଭାଷଣ ୪:୨୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ତା'ପରେ ଅତିଥିମାନଙ୍କ ସେବାରେ ରିଫ୍ରେସ୍‌ମେଂଟ ଦିଆଗଲା । ଅତିଥିମାନେ ଜଣ ଜଣ ହୋଇ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମିଳିବା ପାଇଁ ଆସୁଥିଲେ । ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହାତ ମିଳାଉଥିଲେ । ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଉଥିଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଅତିଥିମାନଙ୍କ ସଙ୍ଗେ ବାର୍ତାଳାପ କରୁଥିଲେ । ଏହି ପ୍ରୋଗ୍ରାମ ପରେ ପାଖାପାଖି ଠିକ୍ ୫ଟାବେଳେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୧୩ ଅକ୍ଟୋବର ୨୦୧୯ (ରବିବାର)**

ହଜୁର ଅନଓ୍ୱର ଅ:ବ:ଅ ଭୋର୍ ୬:୩୦ ମିନିଟ୍‌ରେ ମସ୍‌ଜିଦ୍ ମେହେଦିଠାରେ ଫଜର୍ ନମାଜ ପଢ଼ାଇଲେ । ନମାଜ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଆଜିର ପ୍ରୋଗ୍ରାମ ମୁତବାକ ଷ୍ଟ୍ରାସବର୍ଗଠାରୁ ଫ୍ରାଙ୍କଫର୍ଟ ଜର୍ମାନୀ ନିମନ୍ତେ ଯାତ୍ରା କରିବାର ଥିଲା ।

ଠିକ୍ ୧୧:୩୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ହଲ୍ ଭିତରକୁ ପ୍ରବେଶ କଲେ ଯେଉଁଠି ଖୁଦାମୁଲ୍ ଅହେମଦୀୟାର ସେହି ଗ୍ରୁପ୍ ଯିଏ ଫ୍ରାନ୍ସ ଗସ୍ତ ସମୟରେ ଅନବରତ ସିକ୍ୟୁରିଟି ଡ୍ୟୁଟି ଦେଉଥିଲେ, ସେମାନେ ନିଜ ପ୍ରୀୟ ଆକାଙ୍କ ସହିତ ଗ୍ରୁପ୍ ଫଟୋ ଉଠାଇବା ସୌଭାଗ୍ୟ ପ୍ରାପ୍ତ କଲେ । ତା'ରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍‌ର ବାହ୍ୟ ପ୍ରାଙ୍ଗଣରେ ଗୋଟିଏ ସେଓ ଗଛ ଲଗାଇଲେ । ସେଓ ଗଛଟି ଲଗାଇବା ବେଳେ ହଜୁର ଅନଓ୍ୱର ଅ:ବ:ଅ ଏଠିକାର ମୁବ୍‌ଲିଗ୍ ସିଲ୍‌ସିଲା ମନ୍‌ସୁର୍ ଅହେମଦ୍ ସାହେବଙ୍କୁ ସମ୍ବୋଧନ କରି କହିଲେ ଯେ, ପ୍ରଥମ ବର୍ଷ ଯେତେ ଫଳ ହେବ ମତେ ସେତିକି ବୟତ ଦରକାର ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ଲୋକମାନଙ୍କ ଗହଣକୁ ଚାଲିଗଲେ ଯେଉଁମାନେ ସକାଳୁ ହିଁ ନିଜ ପ୍ରୀୟ ଆକାଙ୍କୁ ବିଦାୟ ଦେବାପାଇଁ ମସ୍‌ଜିଦ୍‌ର ବାହ୍ୟ ପ୍ରାଙ୍ଗଣରେ ଏକତ୍ରିତ ହୋଇଥିଲେ । ହଜୁର ଅନଓ୍ୱର ଅ:ବ:ଅ ସାମୁହିକ ନୀରବ ପ୍ରାର୍ଥନା କରାଇଲେ ଏବଂ ନିଜର ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ ଏବଂ କାଫିଲା ଏଠାରୁ ଜର୍ମାନୀ ପାଇଁ ବାହାରିଲା । ଏଠାରୁ ବଇତୁସ୍ ସବୁହ୍‌ର ଦୁରତା ହେଉଛି ୨୪୦ କିଲୋମିଟର ।

ପ୍ରାୟ ୨୫ କି.ମି ଦୂରତା ଅତିକ୍ରମ କରିବାପାରେ ଫ୍ରାନ୍ସ ଏବଂ ଜର୍ମାନୀର ସୀମା ଇଲାକାରେ ଗୋଟିଏ ପାର୍କିଙ୍ଗ ସ୍ଥାନରେ କିଛି ସମୟ ପାଇଁ ରହିଲେ ଯେଉଁଠି ଜର୍ମାନୀରୁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇବାପାଇଁ ଆସିଥିବା ପ୍ରତିନିଧିମଣ୍ଡଳ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ । ଜର୍ମାନୀରୁ ଅମୀର ଯମାତ୍ ଜର୍ମାନୀ ମୁକରମ୍ ଅବ୍‌ଦୁଲ୍ଲାଃ ୱାଗସ୍ ହାଉଜର୍ ସାହେବ୍, ମୁକରମ୍ ସଦାକତ୍ ଅହେମଦ୍ ସାହେବ୍ ମୁବ୍‌ଲିଗ୍ ଇନ୍‌ଚାର୍ଜ ଜର୍ମାନୀ, ମୁକରମ୍ ଇଲିଆସ୍ ମଜୁକେ ସାହେବ୍ ନ୍ୟାସନାଲ୍ ଜେନେରାଲ୍ ସେକ୍ରେଟାରୀ, ମୁକରମ୍ କମାଲ୍ ଅହେମଦ୍ ସାହେବ୍ ସଦର ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀ ଜର୍ମାନୀ ନିଜ ଖୁଦାମ୍ ମାନଙ୍କ ସିକ୍ୟୁରିଟି ଟିମ୍ ସହିତ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇବାପାଇଁ ଆସି ପହଂଚିଥିଲେ ।

ଏହି ଅବସରରେ ଷ୍ଟ୍ରାସବର୍ଗ ଫ୍ରାନ୍ସରୁ ଏହି ସ୍ଥାନ ପର୍ଯ୍ୟନ୍ତ ଛାଡ଼ିବାପାଇଁ ସାଥିରେ ଆସିଥିବା ପ୍ରତିନିଧି ମଣ୍ଡଳଙ୍କୁ ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ହାତ ମିଳାଇଲେ । ଷ୍ଟ୍ରାସ୍‌ବର୍ଗ ଫ୍ରାନ୍ସରୁ ଏ ପର୍ଯ୍ୟନ୍ତ ମୁକରମ୍ ଅମୀର ସାହେବ୍ ଫ୍ରାନ୍ସ ଅଶ୍‌ଫାକ୍ ରବାନି ସାହେବ୍, ନାଏବ୍ ଅମୀର ଅସ୍‌ଲମ୍ ଦୁବରି ସାହେବ୍, ନସିବ୍ ଅହେମଦ୍ ଶାହିଦ୍ ସାହେବ ମୁବଲିଗ୍ ଇନ୍‌ଚାର୍ଜ, ଜେନେରାଲ୍ ସେକ୍ରେଟାରୀ ଫହିମ୍ ଅହେମଦ୍ ମିଆଜ୍ ସାହେବ ଏବଂ ସଦର ଖୁଦାମୁଲ୍ ଫ୍ରାନ୍ସ ଜମିରୁଲ୍ ରହ୍‌ମାନ୍ ସାହେବ୍ ନିଜ ଖୁଦାମ ସିକ୍ୟୁରିଟି ଟିମ୍ ସହିତ ଆସିଥିଲେ ।

ଏହାପରେ ଆଗକୁ ଯାତ୍ରା ଜାରି ରହିଲା । ପ୍ରାୟ ୧୮୦ କିମିର ରାସ୍ତା ଅତିକ୍ରମ କରିବାପରେ ଆଗକୁ ମୋଟରଓ୍ୱେରେ ଗୋଟିଏ ଦୁର୍ଘଟଣା ଯୋଗୁଁ ତାକୁ ସମ୍ପୁର୍ଣ୍ଣରୂପେ ବନ୍ଦ କରିଦିଆଯାଇଥିଲା ସେଥିଯୋଗୁଁ ୪୫ ମିନିଟ ପର୍ଯ୍ୟନ୍ତ ମୋଟରଓ୍ୱେରେ ହିଁ ଅଟକି ରହିବାକୁ ପଡ଼ିଲା । ମୋଟରଓ୍ୱେ ଖୋଲିବାରେ ଆଗକୁ ଯାତ୍ରା ଜାରି ରହିଲା । ମୋଟାମୋଟି ୨୪୦ କିମି ରାସ୍ତା ଅତିକ୍ରମ କରିବାପରେ ଦୁଇପ୍ରହର ତିନିଟା ବେଳେ ହଜୁର ଅନଓ୍ୱର ଅ:ବ:ଅଙ୍କ ଦଳ ଜର୍ମାନୀର ମର୍କଜ ବଇତୁସ୍ ସବୁହୁ ଫ୍ରାଙ୍କଫର୍ଟଠାରେ ପଦାର୍ପଣ ହେଲା ।

ବଇତୁସ୍ ସବୁହୁଠାରେ ପହଂଚିବା ପରେ ଯେଉଁ କ୍ଷଣି ହଜୁର ଅନଓ୍ୱର ଅ:ବ:ଅ କାର୍‌ରୁ ବାହାରକୁ ଆସିଲେ ସେତେବେଳେ ଫ୍ରାଙ୍କଫର୍ଟ ସହର ଓ ତାହାର ଆଖପାଖରେ ରହିଥିବା ଯମାତ୍‌ଗୁଡ଼ିକରୁ ଏବଂ ସାରା ଜର୍ମାନୀର ସହରରୁ ଆସି ପହଂଚିଥିବା ଯମାତ୍‌ର ପୁରୁଷ ଓ ମହିଳା, ପୁଅ ଓ ଝିଅମାନେ ବହୁତ ଜୋଶ୍ ର ସହିତ ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ କଲେ । ଆସ୍ଥା ପ୍ରେମ ଭାବରେ ସମସ୍ତଙ୍କର ହାତ ଉଠି ରହିଥିଲା ଏବଂ ଅହଲଉଁ ୱ ସହଲଉଁ ୱ ମର୍‌ହବାର ଧ୍ୱନୀ ଚାରିଆଡ଼େ ଗୁଞ୍ଜରିତ ହେଉଥିଲା ।

ଗୋଟିଏ ପଟେ ଯମାତ୍‌ର ସଦସ୍ୟମାନେ ବହୁତ ଉତ୍ସାହିତ ହୋଇ ନିଜ ଆକାଙ୍କୁ ସ୍ୱାଗତ ଜଣାଉଥିଲେ ସେଠି ଅନ୍ୟପଟେ ମହିଳାମାନେ ନିଜ ହାତକୁ ଉପରକୁ ଉଠାଇ ନିଜ ପ୍ରୀୟ ଆକାଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପାଉଥିଲେ ଓ ଛୋଟ ଛୋଟ ପିଲାମାନେ ବିଭିନ୍ନ ଦଳଗତ ଭାବେ ସ୍ୱାଗତ ସମ୍ବର୍ଦ୍ଧନା ମୁଳକ ଗିତ ଏବଂ ଦୁଆୱିୟା ନଜମ୍ ପଢୁଥିଲେ । ଚାରିଆଡ଼େ ଖୁସି ଓ ଆନନ୍ଦର ମାହୋଲ ଥିଲା ।

ମୁକରମ୍ ଖ୍ୱାଜା ମୁବସିର୍ ଅହେମଦ୍ ଲୋକାଲ୍ ଅମୀର ଫ୍ରାଙ୍କଫର୍ଟ, ମୁକମର୍ ଇମ୍‌ତିଆଜ୍ ଅହେମଦ୍ ଶାହିନ୍ ସାହେବ୍ ମୁବ୍‌ଲିଗ୍ ଫ୍ରାଙ୍କଫର୍ଟ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଖୁଶାମଦିଦ୍ କହି ସ୍ୱାଗତ ଜଣାଇଲେ ଓ ହାତ ମିଳାଇଲେ ।

ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ ଜଣାଇବା ପାଇଁ ଫ୍ରାଙ୍କଫର୍ଟ ସହରର ବିଭିନ୍ନ ହଲ୍‌କା ଓ ଯମାତ୍‌ଗୁଡ଼ିକ ବ୍ୟତିତ ନିମ୍ନଲିଖିତ ଯମାତ୍‌ଗୁଡ଼ିକରୁ ଆସିଥିଲେ:

| | |
|---|---|
| Friedberg | Gieben |
| Mannheim | Hanau |
| Heidel burg | Mainz |
| Wiesbaden | Hamburg |

କେତେକ ଲୋକେ ଏବଂ ଫ୍ୟାମିଲିଗୁଡ଼ିକ ବହୁତ ଲମ୍ବା ଯାତ୍ରା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ । ବିଶେଷରୂପେ ହାମ୍‌ବର୍ଗରୁ ଆସିଥିବା ଲୋକମାନେ ୫୫୦ କିମି ରାସ୍ତା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ । ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇବାକୁ ଆସିଥିବା ଲୋକମାନଙ୍କର ସଂଖ୍ୟା ୨୪୧୫ ଥିଲା । ଠିକ୍ ୩:୨୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନମାଜ ଯୋହର୍ ଏବ ଅସର୍ ଯମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ସ୍ୱାଗତ କରିବାକୁ ଜର୍ମାନୀର ବିଭିନ୍ନ ଯମାତ୍‌ଗୁଡ଼ିକରୁ ଯେଉଁ ସଦସ୍ୟମାନେ ଏଠାରେ ଆସି ପହଂଚିଥିଲେ ସେମାନେ ସମସ୍ତେ ନିଜ ପ୍ରୀୟ ଆକାଙ୍କ ନେତୃତ୍ୱରେ ନମାଜ ଯୋହର୍ ଏବଂ ଅସର୍ ପଢ଼ିବାର ସୌଭାଗ୍ୟ ପ୍ରାପ୍ତ କଲେ । ତୃତୀୟ ପ୍ରହରରେ ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି ଡ଼ାକ, ରିପୋର୍ଟସ ଏବଂ ଚିଠିପତ୍ର ଇତ୍ୟାଦି ଦେଖିଲେ ଓ ସେଥିରେ ହିଦାୟତ୍ ପ୍ରଦାନ କଲେ । ହଜୁର ଅନଓ୍ୱର ଅ:ବ:ଅଙ୍କ ଗସ୍ତ ସମୟରେ ମର୍‌କଜ ଲଣ୍ଡନର କାର୍ଯ୍ୟାଳୟଗୁଡ଼ିକରୁ ସେହିଭଳି ମର୍କଜ କାଦିୟାନ୍ ଓ ରବଓ୍ୱାରୁ ଏବଂ ଅନ୍ୟାନ୍ୟ

ଦେଶଗୁଡ଼ିକରୁ ନିୟମିତ ଭାବେ ଡାକ, ରିପୋର୍ଟ୍ ଏବଂ ଚିଠିପତ୍ର ମିଳୁଥିଲା । ଫ୍ୟାକ୍ସ ଜରିଆରେ ଓ ଇମେଲ୍ ଜରିଆରେ ବହୁତ ଗୁଡ଼ିଏ ଡାକ ଆସୁଥିଲା ପୁଣି ଯେଉଁ ଦେଶକୁ ଗସ୍ତ କରାଯାଉଅଛି ସେଠିକାର ଯମାତ୍‌ର ଲୋକମାନଙ୍କ ତରଫରୁ ମିଳୁଥିବା ଶହ ଶହ ହଜାର ହଜାର ଚିଠି ମଧ୍ୟ ଅଲଗା ଥିଲା । ଏ ସମସ୍ତ ଡ଼ାକଗୁଡ଼ିକୁ ହଜୁର ଅନଓ୍ୱର ଅ:ବ:ଅ ନିଜ ଯାତ୍ରା ସମୟରେ ଦେଖିଚାଲୁଥିଲେ ଏବଂ ନିଜ ପବିତ୍ର ହସ୍ତ ଦ୍ୱାରା ସେହି ସମସ୍ତ ଚିଠି ଏବଂ ରିପୋର୍ଟସ ଉପରେ ନୋଟ୍ ପ୍ରଦାନ କରୁଥିଲେ ।

ଠିକ୍ ୮ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ମଗରିବ ଓ ଇସା ନମାଜ ଜମା କରି ପଢ଼ାଇଲେ ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ହଜୁର ଅନଓ୍ୱର ଅ:ବ:ଅଙ୍କର ରହଣି ବଇତୁସ୍ ସବୁହ୍‌ଠାରେ ଥିଲା । ବଇତୁସ୍ ସବୁହର ବିଭିନ୍ନ ଅଂଶକୁ ରଙ୍ଗବେରଙ୍ଗର ପତାକା ଦ୍ୱାରା ସଜା ଯାଇଥିଲା ଏବଂ ଏହି ସେଂଟରର ବିଭିନ୍ନ ଅଟ୍ଟାଳିକାଗୁଡ଼ିକୁ ଆଲୋକିତ କରାଯାଇଥିଲା । ରାତି ସମୟରେ ରଙ୍ଗବେରଙ୍ଗର ବିଜୁଳି ଲିଟୁ ଲାଇଟ୍ସ ବହୁତ ସୁନ୍ଦର ଲାଗୁଥିଲା ଏବଂ ଏହି ସମଗ୍ର ଇଲାକାଟି ଆଲୋକରେ ଭରି ଯାଇଥିଲା ।

**୧୪ ଅକ୍ଟୋବର ୨୦୧୯ (ସୋମବାର)**

ହଜୁର ଅନଓ୍ୱର ଅ:ବ:ଅ ଠିକ୍ ଭୋର୍ ୬:୫୦ ମିନିଟରେ ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ, ସକାଳବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍ତରୀ ଡ଼ାକଗୁଡ଼ିକୁ ଦେଖିଲେ ଓ ବିଭିନ୍ନ ଦଫ୍ତରୀ କାର୍ଯ୍ୟକୁ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

**ଫ୍ୟାମିଲି ସାକ୍ଷାତକାର**

ପ୍ରୋଗ୍ରାମ ମୁତାବକ ଠିକ୍ ୧୧:୧୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା । ଆଜି ସକାଳବେଳାର ଏହି ସେସନ୍‌ରେ ୩୮ଟି ଫ୍ୟାମିଲିର ୨୪୯ ଜଣ ସଦସ୍ୟ ବ୍ୟକ୍ତିଗତ ରୂପେ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ସାକ୍ଷାତକାର କରିଥିବା ଏହି ଫ୍ୟାମିଲିଗୁଡ଼ିକ ଜର୍ମାନୀର ଭିନ୍ନ ଭିନ୍ନ ୨୫ଗୋଟି ଯମାତ୍‌ରୁ ଆସିଥିଲେ ଓ କିଛି ଫ୍ୟାମିଲି ତ ବହୁତ ଦୂର ଇଲାକାରୁ ଆସି ଏଠାରେ ପହଂଚିଥିଲେ । ଡ଼ର୍ଟମୁଣ୍ଡ ଯମାତ୍‌ରୁ ଆସିଥିବା ଫ୍ୟାମିଲିଗୁଡ଼ିକ ଦୁଇଶହ କିମି ରାସ୍ତା ଅତିକ୍ରମ କରି ପହଂଚିଥିଲେ । ଏତଦ୍‌ବ୍ୟତିତ ପାକିସ୍ତାନରୁ ଆସିଥିବା କେତେଜଣ ବନ୍ଧୁ ଏବଂ ଲାଇବେରିୟା ଦେଶରୁ ଆସିଥିବା ଗୋଟିଏ ଫ୍ୟାମିଲି ମଧ୍ୟ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏମାନେ ସମସ୍ତେ ପ୍ରୀୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ବିଦ୍ୟାର୍ଥୀମାନଙ୍କୁ ହଜୁର ଅନଓ୍ୱର ଅ:ବ:ଅ କଲମ ପ୍ରଦାନ କଲେ ଓ ଛୋଟ ବୟସର ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ସାକ୍ଷାତକାରର ଏହି ପ୍ରୋଗ୍ରାମ ଦିନ ୧ଟା ୩୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ମସ୍‌ଜିଦ୍ ମୁବାରକ୍‌ର ଉଦ୍‌ଘାଟନୀ ଉତ୍ସବ**

ଆଜି ପ୍ରୋଗ୍ରାମ ମୁତାବକ ଓ୍ୱେଜ୍‌ବାଡ଼େନ୍ ସହରରେ ମସ୍‌ଜିଦ୍ ମୁବାରକ୍‌ର ଉଦ୍‌ଘାଟନୀ ଉତ୍ସବ ରଖାଯାଇଥିଲା । ଠିକ୍ ୪:୪୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରି ଓ୍ୱେଜ୍‌ବାଡ଼େନ୍ ନିମନ୍ତେ ଯାତ୍ରା ଆରମ୍ଭ କଲେ । ଫ୍ରାଙ୍କଫର୍ଟରୁ ଓ୍ୱିଜ୍‌ବାଡ଼େନ୍ ସହରର ଦୂରତା ହେଉଛି ୪୬ କିମି. । ପ୍ରାୟ ୫୫ ମିନିଟ୍ ଯାତ୍ରା କରିବା ପରେ ହଜୁର ଅନଓ୍ୱର ଅ:ବ:ଅଙ୍କର ମସ୍‌ଜିଦ୍ ମୁବାରକ୍‌ଠାରେ ପଦାର୍ପଣ ହେଲା ।

ସ୍ଥାନୀୟ ଯମାତ୍‌ର ଆବାଳବୃଦ୍ଧବନିତା ବିଗତ କିଛି ଦିନ ହେବ ନିଜ ପ୍ରୀୟ ଆକାଙ୍କ ସୁଭାଗମନର ପ୍ରସ୍ତୁତି ଜାରି ରଖିଥିଲେ । ସେମାନଙ୍କ ପାଇଁ ଆଜିର ଦିନଟି କୌଣସି ଇଦ୍‌ଠାରୁ କମ୍ ନଥିଲା । ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ପାଦ ତାଙ୍କ ଭୂମିରେ ପଡୁଥିଲା ପ୍ରତ୍ୟେକ ବ୍ୟକ୍ତି ଅତ୍ୟନ୍ତ ଆନନ୍ଦିତ ଥିଲା ଓ ପ୍ରୀୟ ଆକାଙ୍କ ଆଗମନ ଅପେକ୍ଷାରେ ରହିଥିଲା । ଯେଉଁକ୍ଷଣି ହଜୁର ଅନଓ୍ୱର ଅ:ବ:ଅ ଗାଡ଼ିରୁ ବାହାରକୁ ବାହାରିଲେ ସେହି କ୍ଷଣି ଯମାତ୍‌ର ସଦସ୍ୟମାନେ ବହୁତ ଉତ୍କଣ୍ଠା ଓ ଉତ୍ସାହର ସହିତ ପ୍ରୀୟ ଆକାଙ୍କୁ ସ୍ୱାଗତ କଲେ । ଛୋଟ ଛୋଟ ପୁଅ ଝିଅମାନେ ଦଳଗତ ଭାବେ ସମବେଦ୍ କଣ୍ଠରେ ସ୍ୱାଗତମୂଳକ ଗିତ ପରିବେଷଣ କଲେ । ଛୋଟଠାରୁ ନେଇ ବଡ଼ ପର୍ଯ୍ୟନ୍ତ ସମସ୍ତେ ପ୍ରୀୟ ଆକାଙ୍କୁ ସ୍ୱାଗତ ଜଣାଇଲେ । ପୁରୁଷମାନେ ନାରା ଲଗାଉଥିଲେ, ମହିଳାମାନେ ନିଜ ପ୍ରୀୟ ଆକାଙ୍କୁ ଦର୍ଶନ କରୁଥିଲେ ।

ଲୋକାଲ୍ ଅମୀର ଯମାତ୍ ମୁକରମ୍ ମିଆଁ ଉମର୍ ଅଜିଜ୍ ସାହେବ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଜଣେ ରାଜନେତା କାଉନ୍‌ସିଲର ଖ୍ରୀଷ୍ଟୋଫ୍ ମନ୍‌ଜୁରା ସାହେବ, ଯିଏ ମେୟରଙ୍କ ପ୍ରତିନିଧି ହୋଇ ଆସିଥିଲେ ସେ ମେୟରଙ୍କ ତରଫରୁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ଓ ହାତ ମଧ୍ୟ ମିଳାଇଲେ । ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ଅଜିଜମ୍ ଦାନିଆଲ୍ ବିଲାଲ୍ ଏବଂ ହଜ୍‌ରତ୍ ବେଗମ୍ ସାହିବା ମଦ୍‌ଜିଲ୍ଲହାଙ୍କ ଗୋଚରେ ଅଜିଜାଃ ଅନିକା ଅହେମଦ୍ ଫୁଲତୋଡ଼ା ପେଶ୍ କଲେ ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍‌ର ବାହ୍ୟ କାନ୍ଥରେ ଖୋଦିତ ହୋଇଥିବା ଫଳକର ଉନ୍ମୋଚନ କଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍‌ର ହଲ୍ ଭିତରକୁ ପ୍ରବେଶ କରି ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ସହିତ ମସ୍‌ଜିଦ୍‌ର ଉଦ୍‌ଘାଟନି ଉତ୍ସବ ଆରମ୍ଭ ହୋଇଗଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଯମାତ୍‌ର ଏହି ନୂଆ ସେଂଟରକୁ ପରିଦର୍ଶନ କଲେ ।

ମସ୍‌ଜିଦ୍‌ର ଏହି ପ୍ଲଟ୍‌ଟି ୨୦୧୩ ମସିହାରେ କିଣା ଯାଇଥିଲା । ଏହି ପ୍ଲଟ୍‌ଟିର ମୋଟ କ୍ଷେତ୍ରଫଳ ହେଉଛି ୨୯୭୦ ବର୍ଗମିଟର । ମସ୍‌ଜିଦ୍‌ର ମୋଟ କଭର୍ ସ୍ଥାନ ୧୩୦୦ ବର୍ଗମିଟର ।

ହଜୁର ଅନଓ୍ୱର ଅ:ବ:ଅ ୪ ଜୁନ୍ ୨୦୧୪ ଦିନ ଏହି ମସ୍‌ଜିଦ୍‌ର ମୂଳ ଦୁଆ ରଖିଥିଲେ । ଏହି ମସ୍‌ଜିଦ୍‌ରେ ଆଠ ମିଟର ଚଉଡ଼ା ଗମ୍ବୁଜ ଏବଂ ୧୨ ମିଟର ଉଚ୍ଚତା ଗୋଟିଏ ମିନାର ରହିଛି । ଏହି ମସ୍‌ଜିଦ୍‌ର ନିର୍ମାଣରେ ୨.୨ ମିଲିୟନ୍ ୟୁରୋ ଖର୍ଚ୍ଚ ହୋଇଛି । ଏହି ମସ୍‌ଜିଦ୍‌ରେ ୭୫୦ ନମାଜି ନମାଜ ପଢ଼ିପାରିବେ ।

ଏହି ମସ୍‌ଜିଦ୍‌ରେ ନମାଜ ପଢ଼ିବାପାଇଁ ଦୁଇଟି ହଲ୍, ଗୋଟିଏ ମଲ୍ଟିପ୍ରପୋଜ୍ ହଲ୍, ପାଂଚଟି କାର୍ଯ୍ୟାଳୟ, ଲାଇବ୍ରେରୀ, କିଚେନ୍, ଷ୍ଟୋର୍ ଏବଂ ଗୋଟିଏ ମୁରବୀ ହାଉସ୍ ମଧ୍ୟ ରହିଛି । ଏହି ମସ୍‌ଜିଦ୍‌ରେ ଗୋଟିଏ ବଡ଼ ଟେରିସ୍ ମଧ୍ୟ ଅଛି । ମସ୍‌ଜିଦ୍, ମିଶନ୍ ହାଉସ୍ ଏବଂ କାର୍ଯ୍ୟାଳୟ ଇତ୍ୟାଦି ପରିଦର୍ଶନ କରିବାପରେ ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ମୁବଲିଗ୍ ସିଲ୍‌ସିଲା ଫର୍‌ହାଦ୍ ଅହେମଦ୍ ସାହେବଙ୍କ ଘରକୁ ଗଲେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ଲଜ୍‌ନା ହଲ୍ ଭିତରକୁ ଗଲେ । ଯେଉଁଠି ମହିଳାମାନେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ଏବଂ ଲଜ୍‌ନା ଓ ଛୋଟ ଛୋଟ ଝିଅପିଲାମାନେ ଦଳଗତ ହୋଇ ଦୁଆଓ୍ୱିୟା ନଜମ୍ ଓ ସ୍ୱାଗତ ମୂଳକ ତରାନା ପରିବେଶଣ କଲେ । ହଜୁର ଅନଓ୍ୱର ଅ:ବ:ଅ ପ୍ରାୟ ୨୫ ମିନିଟ ପର୍ଯ୍ୟନ୍ତ ଲଜ୍‌ନା ହଲ୍ ଭିତରେ ରହିଲେ । ଝିଅ ପିଲାମାନେ ଅନବରତ ନଜମ୍ ଓ ତରାନା ପରିବେଷଣ କରିଚାଲିଥିଲେ । ଯାହାର ପ୍ରସ୍ତୁତି ସେମାନେ ଅନେକ ସପ୍ତାହ ପୂର୍ବରୁ ଆରମ୍ଭ କରିଥିଲେ ।

ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ସମସ୍ତ ଝିଅପିଲାଙ୍କୁ, ଯେଉଁମାନଙ୍କର ସଂଖ୍ୟା ୩୦୦ ପାଖାପାଖି ଥିଲା, ଚକୋଲେଟ୍ ପ୍ରଦାନ କଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍‌ର ବାହ୍ୟ ପ୍ରାଙ୍ଗଣରେ ଗୋଟିଏ ବାଦାମ ଗଛ ଲଗାଇଲେ ।

ତା'ପରେ ମେୟରଙ୍କ ପ୍ରତିନିଧି କାଉନ୍‌ସିଲର ଖ୍ରୀଷ୍ଟୋଫ୍ ମନ୍‌ଜୁରା ମଧ୍ୟ ଗୋଟିଏ ଗଛ ଲଗାଇଲେ ସେ ସମୟରେ ପିଲାମାନେ ଧାଡ଼ି ଧାଡ଼ି ହୋଇ ଛିଡ଼ା ହୋଇଥିଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ସେହି ପିଲାମାନଙ୍କୁ ମଧ୍ୟ ଚକୋଲେଟ୍ ପ୍ରଦାନ କଲେ ।

ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ଓ୍ୱିଜ୍‌ବାଡ଼େନ୍‌ର ଗୋଟିଏ ପ୍ରଶିଦ୍ଧ ହଲ୍ Kurhaus ଠାରେ ଉଦ୍‌ଘାଟନର ବ୍ୟବସ୍ଥା କରାଯାଇଥିଲା । ଏହି ଅଟ୍ଟାଳିକାଟି ୧୮୧୦ ମସିହାରେ ନିର୍ମାଣ କରାଯାଇଥିଲା । ପୁଣି ୧୯୦୫ ମସିହାରେ ଏହାକୁ କିଛି ପରିବର୍ତନ କରି ପୂନର୍ବାର ନିର୍ମାଣ କରାଗଲା । ପରେ ୧୯୮୭ ମସିହାରେ ସେଥିରେ ନୂଆ ଅଂଶକୁ ବଢ଼ାଇ ଦିଆଗଲା ଏବଂ ଅନେକ ପରିବର୍ତନ କରାଯାଇ ନୂଆ ରୂପେ ନିର୍ମାଣ କାର୍ଯ୍ୟ କରାଗଲା । ଏହି ଅଟ୍ଟାଳିକାଟି ଓ୍ୱିଜ୍‌ବାଡ଼େନ୍ ସହରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରଖିଅଛି । ପୃଥିବୀର ବଡ଼ ବଡ଼ ଲିଡ଼ର୍ ଓ ଶାସକମାନେ ଏଠାରେ ହେଉଥିବା ଉତ୍ସବରେ ସାମିଲ ହୋଇଥାନ୍ତି । ଆଜିକାର ଏହି ଉତ୍ସବରେ ସାମିଲ ହୋଇଥିବା ଅତିଥିମାନଙ୍କର ସଂଖ୍ୟା ୩୭୦ ଥିଲା । ସେହି ଅତିଥିମାନଙ୍କ ମଧ୍ୟରେ

| |
|---|
| Gert Uwe-Mende (Lord Mayor Wiesbaden) |
| Frank-Tilo Becher (Member of State Assembly) |
| Dr.Georg Menten (Ministery of Education & Arts) |
| Ferdinand Georgan (Former Judge) |
| Christoph Manjura (Head of Department Entigration, Education & Living) |
| Jeanine Rudolph (Head of Emigration office Wiesbaden) |
| Herr Phill Aspmial Coventry (Anglican Priest) |
| Herr prof. Dr Mrkus Ferrari (Director Enternal Medicine HSK) |
| Herr. Dimitri Muntanion (Federal Criminal Police Office) |
| Waldemar Regner (Police Academy Hessen) |
| Micheal David (District Chief Police Officer) |
| Veneesa Kriegar (Member of Home Ministry) |

ସାମିଲ ହୋଇଥିଲେ । ଏତଦ୍‌ବ୍ୟତିତ ପ୍ରଫେସର, ଡ଼ାକ୍ତର, ଇଞ୍ଜିନିୟର, ଶିକ୍ଷକ, ଓକିଲ, ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ପ୍ରଶାସନ ଅଧିକାରୀ, ପୋଲିସ ଅଫିସର ଏବଂ ବିଭିନ୍ନ ସଂସ୍ଥା ସହିତ ଜଡ଼ିତ ଥିବା ସମ୍ମାନନୀୟ ବ୍ୟକ୍ତିମାନେ ସାମିଲ ଥିଲେ ।

ପ୍ରୋଗ୍ରାମ ମୁତାବକ ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୬:୩୦ ରେ ମସ୍‌ଜିଦ୍ ମୁବାରକ୍‌ରୁ ସେହି ଉତ୍ସବରେ ଯୋଗଦେବାପାଇଁ ଯାତ୍ରା ଆରମ୍ଭ କଲେ । ପୋଲିସ୍ ବିଭିନ୍ନ ସଡ଼କଗୁଡ଼ିକୁ ବ୍ଲକ୍ କରି ରାସ୍ତା କ୍ଲିୟର୍ କଲା ଏବଂ କାଫିଲାକୁ ଏସ୍କର୍ଟ ମଧ୍ୟ କଲା । ଠିକ୍ ୬:୫୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅଙ୍କର Kurhaus ଠାରେ ପଦାର୍ପଣ ହେଲା । ହଲ୍‌ରେ ବାହାରେ ଥିବା ବାହ୍ୟ ଫାଟକ ଠାରେ ଲର୍ଡ଼ ମେୟର Gert Uwe Mende ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ଏବଂ ନିଜ ସହିତ ହଜୁରଙ୍କୁ ହଲ୍ ଭିତରକୁ ପାଛୋଟି ଆଣିଲେ । ହଜୁର ଅନଓ୍ୱର ଅ:ବ:ଅଙ୍କ ଆଗମନ ପୂର୍ବରୁ ସମସ୍ତ ଅତିଥିଗଣ ନିଜ ନିଜର ସ୍ଥାନ ଅଧିଗ୍ରହଣ କରିସାରିଥିଲେ ।

ପ୍ରୋଗ୍ରାମର ଶୁଭାରମ୍ଭ ପବିତ୍ର କୋରାନ୍‌ର ଆବୃତି ଦ୍ୱାରା ହେଲା ଯାହାକୁ ମୋକରମ୍ ଦାନିୟାଲ୍ ଦାଉଦ୍ ସାହେବ୍ ଆବୃତି କଲେ । ତା'ପରେ ଏହାର ଜର୍ମାନୀ ଅନୁବାଦ ନୌସେରଓ୍ୱାନ୍ ଖାନ୍ ସାହେବ୍ ପଢ଼ି ଶୁଣାଇଲେ ।

ତା'ପରେ ସର୍ବପ୍ରଥମେ ମୁକରମ୍

ନ୍ୟାସନାଲ୍ ଅମୀର ସାହେବ ଜର୍ମାନୀ ଅବ୍‌ଦୁଲ୍ଲାଃ ୱାଗସ୍ ହାଉଜର୍ ସାହେବ୍ ନିଜର ପରିଚୟ ମୂଳକ ଅଭିଭାଷଣ ପେଶ୍ କଲେ ଏବଂ ଅତିଥିମାନଙ୍କୁ ସ୍ୱାଗତ ଜଣାଇ ୱିଜ୍‌ବାଡ଼େନ୍ ସହର ଓ ଯମାତ୍‌ର ପରିଚୟ ପ୍ରଦାନ କରି କହିଲେ ସହର ୱିଜ୍‌ବାଡ଼େନ୍ ହେଉଛି ହେସେନ୍ ପ୍ରଦେଶର ରାଜଧାନୀ ଓ ଏହାର ଇତିହାସ ବହୁତ ପୁରୁଣା ଜଣାପଡୁଛି । ଏହି ସହରର ନାମ ପ୍ରଥମଥର ୱିଜ୍‌ବାଡ଼ନ୍ ନାମରେ ୮୩୦ ଖ୍ରୀଷ୍ଟାବ୍ଦରେ ବିଖ୍ୟାତ ହେଲା । ଏହି ସହରର ଜନସଂଖ୍ୟା ହେଉଛି ୨ ଲକ୍ଷ ୮୦ ହଜାର । ଏହି ସହରଟି ବିଶେଷରୂପେ ଝରଣାପାଣି ଯୋଗୁଁ ପ୍ରଶିଦ୍ଧ ସେହିଭଳି ଏହି ସହରରେ ବହୁତ ଗୁଡ଼ିଏ ଭିନ୍ନ ଭିନ୍ନ ବିଭାଗର ୟୁନିଭର୍ସିଟି କାଏମ୍ ଅଛି ସେଥିପାଇଁ ଏଠାରେ ବହୁତ ଗୁଡ଼ିଏ ବିଦ୍ୟାର୍ଥୀ ରହିଛନ୍ତି ।

ଯମାତ୍‌ର ଅହେମଦୀୟାର ପରିଚୟ ଦେଇ ଅମୀର ସାହେବ ବତାଇଲେ ଯେ, ଏଠାରେ ଅହେମଦୀମାନଙ୍କର ସଂଖ୍ୟା ହେଉଛି ୧୧୦୦ ପାଖାପାଖି । ୧୯୯୨ ମସିହାରେ ଏଠାରେ ନିୟମିତ ଗୋଟିଏ ଯମାତ୍ ଗଠନ ହେଲା । ୱିଜ୍‌ବାଡ଼େନ୍‌ରେ ଏ ପର୍ଯ୍ୟନ୍ତ ଯମାତ୍ ମୋଟ ୧୩ଟି ଚାରିଟି ୱାକସ (Walks)ଅନୁଷ୍ଠିତ କରିସାରିଛି ଯେଉଁଥିରେ ବହୁସଂଖ୍ୟକ ନାଗରୀକ ସାମିଲ ହେଉଛନ୍ତି । ଏତଦ୍‌ବ୍ୟତିତ ଯମାତ୍ ଏଠାରେ ନୂଆ ବର୍ଷ ଅବସରରେ ୱକାରେ ଅମଲ୍ ମଧ୍ୟ କରିଥାଏ ଏବଂ ବିଭିନ୍ନ ଲୋକସେବା ମୂଳକ ପ୍ରୋଗ୍ରାମରେ ଯୋଗ ମଧ୍ୟ ଦେଇଥାଏ । ଶେଷରେ ଅମୀର ସାହେବ୍ ସମସ୍ତ ଅତିଥିମାନଙ୍କର କୃତଜ୍ଞତା ଜ୍ଞାପନ କଲେ । ଯେଉଁମାନେ ଏଠାରେ ସାମିଲ ହୋଇଥିଲେ ।

ତା'ପରେ ମିଷ୍ଟର ଖ୍ରୀଷ୍ଟୋଫର୍ ମନ୍‌ଜୁରା ନିଜର ଅଭିଭାଷଣ ଉପସ୍ଥାପନ କଲେ । ସେ ମହାଶୟ ହେଉଛନ୍ତି ସିଟି କାଉନ୍‌ସିଲ୍‌ର ସଦସ୍ୟ ଓ ତାଙ୍କର ସମ୍ବନ୍ଧ SPD ପାର୍ଟି ସହିତ ରହିଛି । କାଉନ୍‌ସିଲ୍‌ରେ ତାଙ୍କ ଦାୟିତ୍ୱରେ ଇଂଟିଗ୍ରେସନ୍‌ର ସମସ୍ତ ମାମଲା ସାମିଲ ଅଛି । ସେ ମହାଶୟ ନିଜ ବକ୍ତବ୍ୟରେ ସର୍ବପ୍ରଥମେ ହଜୁର ଅନଓ୍ୱର ଅ:ବ:ଅ ଏବଂ ପୁଣି ଉପସ୍ଥିତ ଲୋକମାନଙ୍କୁ ସ୍ୱାଗତ ଜଣାଇଲେ ଏବଂ ସଲାମ୍ କହିଲେ, ତତ୍‌ସହିତ ଏ କଥାରେ ଖୁସି ମଧ୍ୟ ପ୍ରକାଶ କଲେ ଯେ, ଏତେ ସଂଖ୍ୟାରେ ପୁରୁଷ ଓ ମହିଳାମାନେ ହାଜର ହୋଇଛନ୍ତି । ଯେଉଁମାନଙ୍କ ମଧ୍ୟରେ ବିଭିନ୍ନ ଗୋଷ୍ଠୀର ଲୋକମାନେ ସାମିଲ ଅଛନ୍ତି ଯେମିତିକି ପୋଲିସ୍‌ର ଲୋକମାନେ ଏବଂ ବିଭିନ୍ନ ରାଜନେତା ଓ ୱିଜ୍‌ବାଡ଼େନ୍‌ରେ ପ୍ରତ୍ୟେକ ଗୋଷ୍ଠୀ ସହିତ ସମ୍ପର୍କ ରଖିଥିବା ଲୋକମାନେ ସାମିଲ ଅଛନ୍ତି ।

ସେ ମହାଶୟ ପୁରୁଣା ନମାଜ ସେଂଟର ବିଷୟରେ ଚର୍ଚ୍ଚା କରି କହିଲେ ଯେ, ପ୍ରଥମେ ତ ଗୋଟିଏ ଛୋଟିଆ କୋଠରୀ ଭିତରେ ଆପଣମାନେ ଈଶ୍ୱର ଉପାସନା ଏବଂ ଅନ୍ୟାନ୍ୟ ପ୍ରୋଗ୍ରାମ ଗୁଡ଼ିକୁ ଅନୁଷ୍ଠିତ କରିବାକୁ ପଡୁଥିଲା କିନ୍ତୁ ଏବେ ଗୋଟିଏ ଅତ୍ୟନ୍ତ ସୁନ୍ଦର ଅଟ୍ଟାଳିକା ମିଳିଯାଇଛି । ମୁଁ ଏଥିଯୋଗୁଁ ଆପଣ ସମସ୍ତଙ୍କୁ ଶୁଭେଚ୍ଛା ଦେବାକୁ ଚାହୁଁଛି ।

ମନ୍‌ଜୁରା ସାହେବ ପୁଣି କହିଲେ ଯେ, ମୁଁ ଆଜିକାର ଏହି ଦିନକୁ କେବେବି ଭୁଲିବି ନାହିଁ । ସବୁବେଳ ପାଇଁ ମନେ ରହିବ କିନ୍ତୁ ମତେ ଆଜି ମସ୍‌ଜିଦ୍ ମୁବାରକ୍‌ର ଉଦ୍‌ଘାଟନୀ ଉତ୍ସବ ଅବସରରେ ଜୀବନର ପ୍ରଥମଥର ପାଇଁ ଗୋଟିଏ ଚାରା ରୋପଣ କରିବାର ଅବସର ମିଳିଲା ।

ପୁଣି ସେ କହିଲେ ଯେ, ମତେ ଏ ପର୍ଯ୍ୟନ୍ତ ମୁଳଦୁଆ ରଖାଯିବାର ଦିନ ମଧ୍ୟ ମନେ ଅଛି ଯେ, ସେହି ଦିନ ଖୁବ୍ ବର୍ଷା ହେଉଥିଲା କିନ୍ତୁ ଯେଉଁକ୍ଷଣି ଖଲିଫତୁଲ୍ ମସିହ ଆସିଲେ ଏବଂ ନିଜ ଗାଡ଼ିରୁ ଓହ୍ଲାଇଲେ ସେହିକ୍ଷଣି ବର୍ଷା ବନ୍ଦ ହୋଇଗଲା । ଓ ଖରା ବାହାରି ପଡ଼ିଲା । ପୁଣି ସେ କହିଲେ ଯେ, ଅହେମଦୀୟା ମୁସ୍‌ଲିମ୍ ଯମାତ୍ ସର୍ବଦାହିଁ ସ୍ୱତନ୍ତ୍ର ରୂପେ ସହରକୁ ସାହାଯ୍ୟ କରିଥାଏ । ଆପଣମାନେ ଚାରିଟି ୱାକ ଅନୁଷ୍ଠିତ କରିଥାନ୍ତି । ନୂଆ ବର୍ଷ ଅବସରରେ ୱକାରେ ଅମଲ୍ କରି ସହରର ସୌନ୍ଦର୍ଯ୍ୟକୁ କାଏମ୍ ରଖିବାପାଇଁ ଲାଗିପଡ଼ିଥାନ୍ତି । ସେଥିଯୋଗୁଁ ମଧ୍ୟ ଏହା ଜରୁରୀ ଥିଲା ଯେ, ଆପଣମାନେ ଏହି ସହରର ସେଂଟରରେ ହିଁ ମସ୍‌ଜିଦ୍ ନିର୍ମାଣ କରିଛନ୍ତି । ନଚେତ କେଉଁ କୋଣରେ ଯଦି ଥାଆନ୍ତା ତାହେଲେ ଲୋକମାନେ ଏ ବିଷୟରେ ଜାଣିପାରିନଥାନ୍ତେ । ଅତଏବ ସହର ମଧ୍ୟରେ ହିଁ ଏହି ମସ୍‌ଜିଦ୍‌ଟି ନିର୍ମାଣ ହୋଇଛି ।

ଶେଷରେ ସେ ଯମାତ୍‌କୁ ମସ୍‌ଜିଦ୍ ସମ୍ପୂର୍ଣ୍ଣ କରିଥିବା ଯୋଗୁଁ ଶୁଭେଚ୍ଛା ଜଣାଇଲେ ଏବଂ କହିଲେ ଯେ, ଆପଣମାନଙ୍କୁ ଏହି ମସ୍‌ଜିଦ୍‌ରୁ ସର୍ବଦା ଆନନ୍ଦ ମିଳୁ ।

ତା'ପରେ Frank-tilo Becher ସାହେବ ନିଜର ଅଭିଭାଷଣ ଉପସ୍ଥାପନ କଲେ ତାଙ୍କର ସମ୍ବନ୍ଧ SPD ପାର୍ଟି ସହିତ ରହିଛି ଏବଂ ସେ ୱିଜ୍‌ବାଡ଼େନ୍‌ର ପାର୍ଲାମେଂଟର ସଦସ୍ୟ ଅଛନ୍ତି । ସେ ସର୍ବପ୍ରଥମେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ଏବଂ ଏକଥା ମଧ୍ୟ କହିଲେ ଯେ, ସେମାନଙ୍କ ପାଇଁ ଏହା ଗୋଟିଏ ବହୁତ ହିଁ ବଡ଼ ସମ୍ମାନ ଯେ, ଆଜି ହଜୁରଙ୍କ ସହିତ ଗୋଟିଏ ଟେବୁଲ୍‌ରେ ବସିବାର ଅବସର ମିଳୁଅଛି । ପୁଣି ସେ କହିଲେ ଯେ, ସେ ହେଉଛନ୍ତି ଜଣେ ଇସାଇ ଏବଂ ତାଙ୍କର ଏ ଆର୍ଶିବାଦ ଯେ, ଅଲ୍ଲାଃ ତାଲା ଏହି ଘର ଅର୍ଥାତ ଏହି ନୂଆ ମସ୍‌ଜିଦ୍‌ର ସୁରକ୍ଷାକାରୀ ହୁଅନ୍ତୁ ଏବଂ ତାକୁ ବାବର୍‌କତ୍ କରନ୍ତୁ । ଆମିନ୍...

ପୁଣି ସେ ମହାଶୟ କହିଲେ ଯେ, ଯେତେବେଳେ ଗୋଟିଏ ଯମାତ୍ ହୋଇଥାଏ ତା ପାଇଁ ଜରୁରୀ ଅଟେ ଯେ, ସେମାନଙ୍କ ଏକତ୍ରିତ ହେବା ନିମନ୍ତେ ଗୋଟିଏ ସ୍ଥାନ ମଧ୍ୟ ରହିବା ଉଚିତ ଏହିପରି ତାହା ଜୀବିତ ଓ ସଠିକ୍ ଭାବେ ତିଷ୍ଠିପାରିବ । ଆଜିର ଦିନଟି ବିଶେଷରୂପେ ଯମାତ୍‌ର ସଦସ୍ୟମାନଙ୍କ ପାଇଁ ଖୁସିର ଦିନ ଅଟେ । କାରଣ ଏବେ ଆପଣମାନଙ୍କୁ ଅବସର ମିଳିବ ଯେ, ଖୋଲାଖୋଲି ଭାବେ ନିଜର ସମସ୍ତ କାର୍ଯ୍ୟ ସମ୍ପାଦନ କରିପାରିବେ ।

ଶେଷରେ ସେ କହିଲେ ଯେ, ଯଦି ଆମକୁ ଗୋଟିଏ ଏଭଳି ଯମାତ୍ ମିଳିଛି ଯିଏ ଅତିଥି ସତ୍କାର କରିବାରେ ଏତେ ସୁନ୍ଦର ତେଣୁ ଏବେ ୱିଜ୍‌ବାଡ଼େନ୍ ସହରର ଲୋକମନଙ୍କର ମଧ୍ୟ ଏହା କର୍ତବ୍ୟ ଯେ, ତାଠାରୁ ଲାଭ ଉଠାନ୍ତୁ ଓ ସେଥିପ୍ରତି ଆଗ୍ରହ ପ୍ରକାଶ କରନ୍ତୁ । ମସ୍‌ଜିଦ୍ ହେଉଛି ଗୋଟିଏ ଏପରି ସ୍ଥାନ ଯେଉଁଠି ଆପଣମାନେ ଆପୋଷରେ Inter Religious Dialouge କରିପାରିବେ ତେଣୁ ଏବେ ଆପଣମାନେ ସେମାନଙ୍କ ମସ୍‌ଜିଦ୍‌କୁ ଯାଆନ୍ତୁ ଓ ଯୋଗାଯୋଗ ସ୍ଥାପନ କରନ୍ତୁ ।

ତା'ପରେ ଲର୍ଡ଼ ମେୟର Gert Uwe Mende ନିଜର ଅଭିଭାଷଣ ଉପସ୍ଥାପନ କଲେ । ସେ ସର୍ବପ୍ରଥମେ ହଜୁରଙ୍କୁ ସ୍ୱାଗତ ଜଣାଇଲେ ଏବଂ ଏ ମସ୍‌ଜିଦ୍‌ଟି ବାବର୍‌କତ୍ ହେବାପାଇଁ ପ୍ରାର୍ଥନା କଲେ ।

ମେୟର କହିଲେ ଯେ, ଯମାତ୍ ଅହେମଦୀୟ ହେଉଛି ଆମ ସହରର ଅଂଶ ବିଶେଷ ଏହି ଅବସରରେ ମୁଁ ଆପଣମାନଙ୍କୁ ସର୍ବପ୍ରଥମେ ଶୁଭେଚ୍ଛା ଜଣାଉଛି ଯେ, ଆପଣମାନଙ୍କର ଏହି ମସ୍‌ଜିଦ୍‌ଟି ସମ୍ପୂର୍ଣ୍ଣ ହୋଇଯାଇଛି ଓ ଆଜି ଏହାର ଉଦ୍‌ଘାଟନ ମଧ୍ୟ ହୋଇଗଲା । ପୁଣି ମେୟର ସାହେବ କହିଲେ ଯେ, ଏହି ମସ୍‌ଜିଦ୍‌ଟି ଏପରି ସ୍ଥାନ ହୋଇପାରେ ଯେଉଁଠି ୱିଜ୍‌ବାଡ଼େନ୍‌ର ଅଧିବାସୀ ଏକତ୍ରିତ ହେବେ ଓ ସେଠାରେ Inter Religious Dialouge ଅଧିକରୁ ଅଧିକ ହେବ । ମେୟର ସାହେବ୍ ଏକଥା ମଧ୍ୟ ଚର୍ଚ୍ଚା କଲେ ଯେ, ଯେହେତୁ ମସ୍‌ଜିଦ୍ ମୋ ଘର ନିକଟରେ ତେଣୁ ମୁଁ ଯେତେବେଳେ ସକାଳେ ଏ ରାସ୍ତା ଦେଇ ଗଲି ସେତେବେଳେ ସ୍ପଷ୍ଟ ହୋଇଗଲା ଯେ, ଏହି ଦିନଟି ଆପଣମାନଙ୍କ ପାଇଁ ଗୋଟିଏ ସାଧାରଣ ଦିନ ନୁହେଁ । ବରଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିନ ଅଟେ ।

ପୁଣି ସେ କହିଲେ ଯେ, ଆମ ପାଇଁ ଏକଥା ଅତ୍ୟନ୍ତ ଜରୁରୀ ଅଟେ କି ଆମେ ମିଳିମିଶି ରହିବା । ନିଶ୍ଚିତରୂପେ ବହୁତ ଲୋକେ ଏପରି ଥିବେ ଯେଉଁମାନେ ମସ୍‌ଜିଦ୍ ଭିତର ଭାଗକୁ କେବେ ଦେଖିନଥିବେ । ତେଣୁ ଏବେ ଆମ ନିକଟରେ ଗୋଟିଏ ମସ୍‌ଜିଦ୍ ଅଛି ଯାହା ଆମକୁ ଦେଖିବା ଉଚିତ ଏବଂ ଅହେମଦୀମାନଙ୍କ ସହିତ ମିଳିମିଶି ରହିବା ଉଚିତ ।

ପୁଣି ମେୟର ସାହେବ ମସ୍‌ଜିଦ୍‌ର ପଡ଼ୋଶୀମାନଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଲେ ଯେ, ସେମାନେ ସମସ୍ତେ ଏହାର ନିର୍ମାଣ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.6 Thursday 18 Feb 2021 Issue No. 07

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

### ୧୧ ଅକ୍ଟୋବର ୨୦୧୯ (ଶୁକ୍ରବାର)
### ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣର ବଳକାଅଂଶ

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆମେ ସାରା ଦୁନିଆରେ ମସ୍‌ଜିଦ୍ ବନାଇଥାଉ । ଏଠି ଫ୍ରାନ୍ସରେ ଏହା ଦ୍ୱିତୀୟ ମସ୍‌ଜିଦ୍ ତିଆରି ହୋଇଛଇ କାରଣ ଏଠାରେ ଯମାତ୍‌ର ସଦସ୍ୟ ସଂଖ୍ୟା ବହୁତ ଅଳ୍ପ । ଯମାତ୍‌ର ପରିଚୟ ଏଠାରେ ସେତେଟା ହୋଇନାହିଁ । ୟୁରୋପ୍‌ର କେତେକ ଦେଶଗୁଡ଼ିକରେ ଯେମିତି ଜର୍ମାନୀରେ, ଇଙ୍ଗଲିସ୍ତାନରେ, ଆମେରିକାରେ ଏବଂ କାନାଡ଼ାରେ ଆମେ ମସ୍‌ଜିଦ୍ ନିର୍ମାଣ କରୁଅଛୁ । ସେଠିକାର ଲୋକମାନଙ୍କ ସହିତ ପରିଚୟ ରହିଛି କାରଣ ସେଠାରେ ଯମାତ୍ ବହୁତ ବଡ଼ । ଅହେମଦୀ ମୁସଲମାନମାନେ ଯେତେବେଳେ ମସ୍‌ଜିଦ୍ ନିର୍ମାଣ କରିଥାନ୍ତି ସେତେବେଳେ ସେଠାରୁ କେବଳ ଶାନ୍ତି, ପ୍ରେମ ଓ ସୌହାର୍ଦ୍ଦ୍ୟର ସ୍ଲୋଗାନ ଲଗାଯାଇଥାଏ । ମସ୍‌ଜିଦ୍ କୌଣସି ପ୍ରକାରର ଚରମପନ୍ଥୀ କାର୍ଯ୍ୟ ପାଇଁ ହୋଇନାହିଁ ମସ୍‌ଜିଦ୍ କେବଳ ଏଥିପାଇଁ ବନା ଯାଇଛି ଯେ ସେଠାରେ ଏକ ଈଶ୍ୱରଙ୍କ ଉପାସନା କରାଯାଉ ଏବଂ ଏଠାକୁ ଆସୁଥିବା ଲୋକମାନେ ପ୍ରେମ, ଭଲପାଇବା, ସୁଲାହ୍ ଓ ସଫାଇ ଦ୍ୱାରା ଆପୋଷରେ ମଧ୍ୟ ଶାନ୍ତିରେ ରୁହନ୍ତୁ ଏବଂ ଏଠିକାର ଆଖପାଖର ଲୋକମାନଙ୍କ ସହିତ ମଧ୍ୟ ଏହିଭଳି ବ୍ୟବହାର କରାଯାଉ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆଫ୍ରିକାରେ ଅଲ୍ଲାଃଙ୍କ କୃପାରୁ ଆମର ବହୁତ ବଡ଼ ସଂଖ୍ୟା ଅଛନ୍ତି । ସେଠାରେ ଯମାତ୍‌ର ମସ୍‌ଜିଦ୍‌ଗୁଡ଼ିକ ମଧ୍ୟ ନିର୍ମାଣ କରାଯାଉଅଛି କିନ୍ତୁ ତତ୍‌ସହିତ ସେଠାରେ ଯମାତ୍ ମାନବସେବାମୂଳକ କାର୍ଯ୍ୟ ମଧ୍ୟ କରୁଅଛି । ସ୍କୁଲ୍ ତିଆରି କରୁଛି, ଡ଼ାକ୍ତରଖାନା ତିଆରି କରୁଛି ଏବଂ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଉଛି ଯେମିତି ଶୁଦ୍ଧଜଳ ପିଇବାପାଇଁ ନଳକୂପ ବସାଇବା ଏବଂ ହ୍ୟାଣ୍ଡପମ୍ପ ଲଗାଇବାର କାମ ମଧ୍ୟ କରୁଅଛି । ଏହିଭଳି ଆଫ୍ରିକାରେ ଯମାତ୍‌ର ଅନେକ ପ୍ରୋଜେକ୍ଟ ଚାଲିଛି ଯାହା ମାନବଜାତିର ସେବାପାଇଁ ଉଦ୍ଦିଷ୍ଟ । ଆମର ସେଠାରେ ଶହ ଶହ ସ୍କୁଲ୍ ଅଛି ଶହ ଶହ ଡ଼ାକ୍ତରଖାନା ଏବଂ ବିଭିନ୍ନ ପ୍ରୋଗ୍ରାମ । ଉଦାହରଣ ସ୍ୱରୁପ, ପାଣି ଯୋଗାଣର ପ୍ରୋଜେକ୍ଟ ଇତ୍ୟାଦି । ଏଠିକାର ଲୋକମାନେ ଏକଥା ଭାବି ପାରିବେନାହିଁ ମଧ୍ୟ । ଏଠାରେ ଯଦି ଗୋଟିଏ ଛୋଟ ଗ୍ରାମ ମଧ୍ୟ ଥାଏ ଏ ଇଲାକାଟି ସମ୍ପୁର୍ଣ୍ଣରୂପେ ଦେହାତି ଇଲାକା କିନ୍ତୁ ଏଠାରେ ଆପଣଙ୍କ ନିକଟରେ ବିଜୁଳିର ସୁବିଧା ଅଛି, ସଡ଼କ ଅଛି, ପାଣିର ସୁବିଧା ମଧ୍ୟ ଅଛି । ସେହିଭଳି ସମସ୍ତ ପ୍ରକାରର ସୁବିଧା ଉଣାଅଧିକେ ଉପଲବ୍ଧ ଯାହା ସହରରେ ହୋଇଥାଏ କିନ୍ତୁ ଆଫ୍ରିକାର ଗ୍ରାମଗୁଡ଼ିକୁ ଯେବେ ଆପଣ ଯିବେ ସେଠାରେ ଦେଖିବେ ଯେ ନା ସେଠାରେ ସଡ଼କ ଅଛି ନା ବିଜୁଳି ନା ପାଣି ସୁବିଧା । ପାଣିର ଅବସ୍ଥା ତ ଏପରି ଗ୍ରାମଠାରୁ ଦୂରରେ ଦୁଇ ଦୁଇ ମାଇଲ୍, ଯେଉଁଠି ବହୁତ ମଇଳା ପୋଖରୀ ରହିଛି ଓ ସେଥିରେ ପଶୁମାନେ ମଧ୍ୟ ପାଣି ପିଉଛନ୍ତି ଓ ଗାଧୁଆ ପାଧୁଆ ମଧ୍ୟ କରୁଛନ୍ତି, ସେହିଠାରୁ ମଣିଷ ମଧ୍ୟ ପାଣି ନେଇ ବ୍ୟବହାର କରୁଛି । ପିଲାମାନେ ବେଳେ ବେଳେ ନିଜ ମୁଣ୍ଡ ଉପରେ ହାଣ୍ଡି ରଖି, ବାଲ୍‌ଟି ରଖି, ବାସନ ରଖି ଦୁଇ ଦୁଇ କିଲୋମିଟର ତିନି ତିନି କିଲୋମିଟର ଯାତ୍ରା ଗୋଟିଏ ବାଲ୍‌ଟି ପାଣି ଆଣିବାପାଇଁ ଯାଇଥାନ୍ତି । ସେଥିପାଇଁ ସେମାନେ ଶିକ୍ଷାରୁ ମଧ୍ୟ ବଂଚିତ । ସେଠାରେ ଯମାତ୍ ଅହେମଦୀୟା ସେମାନଙ୍କ ଶିକ୍ଷା ନିମନ୍ତେ ସ୍କୁଲ୍ ତିଆରି କରୁଛି । ପ୍ରାଇମେରୀ ସ୍କୁଲ୍, ସେକେଣ୍ଡାରୀ ସ୍କୁଲ୍ ଇତ୍ୟାଦି ତିଆରି କରୁଛି ଏବଂ କେତେକ ରିମୋଟ ଇଲାକାରେ କ୍ଲିନିକ୍ ଏବଂ ଡ଼ାକ୍ତରଖାନ ମଧ୍ୟ ଖୋଲିଛି । ସେଠାରେ ଶୁଦ୍ଧ ଜଳ ପିଇବା ପାଇଁ ହ୍ୟାଣ୍ଡପମ୍ପ ମଧ୍ୟ ଲଗାଇଛି ଏବଂ ସୋଲାର ଏନର୍ଜି ଦ୍ୱାରା ଟ୍ୟୁବଓ୍ୱେଲ୍ ମଧ୍ୟ ଲଗାଉଛି ଯେଉଁଥିରୁ ସଫାପାଣି ମଧ୍ୟ ଆସିଥାଏ । ଯେତେବେଳେ ଆମେ ଫଟୋ ଦେଖିଥାଉ ସେତେବେଳେ ସେମାନଙ୍କର ଅବସ୍ଥା ଅନଧ୍ୟାନ କରିଥାଉ । ଯେଉଁମାନଙ୍କ ଗ୍ରାମରେ ନଳକୂପ ଦ୍ୱାରା ସଫାପାଣି ମିଳିଯାଉଛି ସେତେବେଳେ ସେମାନଙ୍କର ଆନନ୍ଦର ପରିପ୍ରକାଶ ଏଭଳି ହୋଇଥାଏ ଯେଉଁଭଳି ୟୁରୋପ୍‌ରେ ରହୁଥିବା ଲୋକମାନଙ୍କ ମଧ୍ୟରୁ କାହାର ବହୁତ ବଡ଼ ଲଟେରି ଉଠିଯାଇଥାଏ ଓ ସେଥିଯୋଗୁଁ ସେ ଖୁସି ହୋଇଯାଏ । ଅତଏବ ଏହିଭଳି ଲୋକମାନଙ୍କୁ ଯେତେବେଳେ ସଫାପାଣି ମିଳିଯାଏ ସେମାନଙ୍କର ଖୁସି ଦେଖିବା ଯୋଗ୍ୟ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯମାତ୍ ଅହେମଦୀୟା ଯେଉଁଠିକୁ ମଧ୍ୟ ଯାଇଥାଏ ସେଠାରେ ଶାନ୍ତିର ବାର୍ତ୍ତା ନେଇଯାଇଥାଏ । ଯଦି ଆମେ ସ୍ଲୋଗାନ୍ ଲଗାଉଛୁ କେତେକ ସମ୍ମାନନୀୟ ଅତଥିମାନେ ମଧ୍ୟ ନିଜର ଅଭିଭାଷଣରେ ଏକଥାକୁ କହିଛନ୍ତି । Law for all, Hearted for none ର ସ୍ଲୋଗାନ୍ । ଯଦି ଆମେ ସ୍ଲୋଗାନ ଲଗାଉଛୁ ତେବେ ତାହାକୁ ପ୍ରକାଶ ମଧ୍ୟ କରୁଅଛୁ ଏବଂ ତାହାର ପ୍ରକାଶ ପାଇଁ ଗୋଟିଏ ତରିକା ହେଉଛି ଏହା କି ଜନସାଧାରଣଙ୍କର ସେବା କରାଯାଉ । ତେଣୁ ପ୍ରଥମ କଥା ହେଉଛି ଏଠାରେ ରହୁଥିବା ଅର୍ଥାତ ଆଖପାଖର ଗ୍ରାମର ଲୋକମାନଙ୍କୁ ମୁଁ ବତାଇବାକୁ ଚାହୁଁଛି ଯେ ଏଠାରେ କାନୁନ୍ ମାନି ଚାଲିବାପାଇଁ ମଧ୍ୟ କୁହାଯାଇଛି ଯେ ଯମାତ୍ ଅହେମଦୀୟା ପ୍ରତିକ୍ଷେତ୍ରରେ କାନୁନ୍ ମାନି ଚଳିଥାଏ । ଯେଉଁଠି ମସ୍‌ଜିଦ୍ ତିଆରି କରାଯାଇଅଛି ତାହା ବିଶେଷ ରୂପେ ଏକ ଛୋଟିଆ ସ୍ଥାନ । ଏଠିକାର ସଡ଼କ ମଧ୍ୟ ଛୋଟ ଛୋଟ ତେଣୁ ଲୋକମାନଙ୍କୁ ଯାତାୟାତ କରିବାପାଇଁ କଷ୍ଟ ମଧ୍ୟ ହୋଇପାରେ । ଟ୍ରାଫିକ୍ ଯୋଗୁଁ ଆମକୁ ଏକଥା କୁହାଯାଇଅଛି ଯେ କାନୁନ୍ ମାନି ଚଳନ୍ତୁ, ଦେଶର କାନୁନ୍ ମାନି ଚଳନ୍ତୁ ଏବଂ ଯେତେ ମାତ୍ରାରେ କାଉନ୍‌ସିଲ୍ ଆମକୁ ଅନୁମତି ଦେଇଛି ସେତେ ମାତ୍ରାରେ ଏହି ସ୍ଥାନକୁ ବ୍ୟବହାର କରନ୍ତୁ । ମୋର ଏ ଆଶା ଯେ, ଏ ମସ୍‌ଜିଦ୍‌କୁ ତିଆରି ହେବାର କିଛିଦିନ ହୋଇଗଲାଣି କିନ୍ତୁ ଔପଚାରିକ ଉଦ୍‌ଘାଟନ ଆଜି ହେଉଅଛି ତା'ପରେ ଅହେମଦୀମାନେ ଏଠାକୁ ବୋଧ ହୁଏ ଅଧିକ ସଂଖ୍ୟାରେ ମଧ୍ୟ ଆସିବା ଆରମ୍ଭ କରିବେ । କିନ୍ତୁ ସେହି ଲୋକମାନେ ଆସନ୍ତୁ ଯେଉଁମାନେ କାନୁନ ମାନି ଚଳୁଥିବେ ଓ ଏଠାକୁ ଆସି ଖୁଦାତାଲାଙ୍କ ଘରେ ଉପାସନା କରିବେ । ଯେଉଁଠି ସେମାନେ ନିଜ ଈଶ୍ୱରଙ୍କ ଉପାସନା କରି ତାହାର ଅଧିକାରକୁ ପ୍ରଦାନ କରିବେ ସେଠାରେ ତାଙ୍କ ହୃଦୟରେ ଏ କଥା ମଧ୍ୟ ଅନୁଭବ ସୃଷ୍ଟି ହେବ ଯେ, ସେହି ଈଶ୍ୱର ଯିଏ ଏ କଥା କହୁଛନ୍ତି କି ମୋ ଉପାସନା କର, ସେହି ଈଶ୍ୱର ଯିଏ ଆମକୁ ପବିତ୍ର କୋରାନ୍‌ରେ ଏହା ମଧ୍ୟ କହିଛନ୍ତି ଯେ ମାନବଜାତିର ସେବାକର ବରଂ ପବିତ୍ର କୋରାନ୍‌ରେ ଏହା ଲେଖାଅଛି ଯେ, ଏପରି ନମାଜି ଯେଉଁମାନେ ଲୋକମାନଙ୍କର ହକ୍ ଦେଉନାହାନ୍ତି, ଯେଉଁମାନେ ମାନବଜାତିର ସେବା କରୁନାହାନ୍ତି, ଯେଉଁମାନେ ଅନାଥମାନଙ୍କୁ ଖାଦ୍ୟ ଖୁଆଉ ନାହାନ୍ତି, ଯେଉଁମାନେ ଗରୀବ ଲୋକଙ୍କ ଧ୍ୟାନ ରଖୁନାହାନ୍ତି, ଯେଉଁମାନେ ଅତ୍ୟାଚାର କରୁଛନ୍ତି ସେମାନଙ୍କ ନମାଜ ସେମାନଙ୍କ ପାଇଁ ଧ୍ୱଂସର କାରଣ ହେବ । ସେହି ନମାଜ କୌଣସି ଲାଭ ଦେବନାହିଁ ବରଂ ସେହି ନମାଜଗୁଡ଼ିକ ଅଲ୍ଲାଃ ତାଲା ସେମାନଙ୍କ ଉପରକୁ ଓଲଟାଇ ଦେବ । ଯାହା ସେମାନଙ୍କୁ ଲାଭ ପରିବର୍ତେ ବା କୌଣସି ପୁରସ୍କାର ପରିବର୍ତେ ସେମାନଙ୍କ ପାଇଁ ମୃତ୍ୟୁର କାରଣ ହେବ । ଅତଏବ ଏଭଳି ଜଣେ ବ୍ୟକ୍ତି ଯିଏ ମସ୍‌ଜିଦ୍‌କୁ ଆବାଦ କରୁଥିବ ତାହାର ଯେତେବେଳେ ଏଭଳି ଦୃଷ୍ଟିକୋଣ ଏବଂ ଯାହାକୁ ଅଲ୍ଲାଃ ତାଲାଙ୍କ ପ୍ରକୃତ ଭୟ ଥିବ ତେବେ ପୁଣି ଏପରି ହୋଇନପାରେ ଯେ, ସେ ଲୋକାନଙ୍କର ଅଧିକାରକୁ କ୍ଷୁର୍ଣ୍ଣ କରୁଥିବ ଏବଂ ସେ ଲୋକମାନଙ୍କର ହକ୍‌କୁ ଦେଉନଥିବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଅତଏବ ଯମାତ୍ ଅହେମଦୀୟା ଯେଉଁଠାକୁ ଯାଇଥାଏ ଏହି ବାର୍ତାକୁ ସାଥିରେ ନେଇ ଯାଇଥାଏ ଏବଂ ଏହି ଚିନ୍ତାଧାରା ସହିତ ଯାଇଥାଏ ଯେ, ଯେଉଁଠି ଆମେ ନିଜ ଅଲ୍ଲାଃଙ୍କ ପାଇଁ ଥିବା କର୍ତବ୍ୟକୁ ପ୍ରଦାନ କରିବା ସେଠାରେ ତାହାଙ୍କ ପ୍ରାଣୀଜଗତର ମଧ୍ୟ ଅଧିକାରକୁ ପ୍ରଦାନ କରିବା । ମୋର ଏ ଆଶା ଅଛି ଯେ, ଇନ୍‌ଶାଅଲ୍ଲାଃ ତାଲା ଯେମିତି କି ମୁଁ ପୂର୍ବରୁ ମଧ୍ୟ କହିସାରିଛି ଯେ, ଅହେମଦୀମାନେ ଏହି ବିଚାରକୁ ସାଥିରେ ନେଇ ଏହି ମସ୍‌ଜିଦ୍‌କୁ ଆବାଦ ରଖିବେ ଏବଂ ଏଠିକାର ପଡ଼ୋଶୀମାନଙ୍କ ସହିତ ପୂର୍ବାପେକ୍ଷା ଅଧିକ ସୁସମ୍ପର୍କ ସ୍ଥାପନ କରିବେ ଏବଂ ସେମାନଙ୍କର ଅଧିକାରକୁ ପ୍ରଦାନ କରିବାକୁ ଚେଷ୍ଟା କରିବେ । ଏହି ମସ୍‌ଜିଦ୍ ଏଠାରେ କୌଣସି ପଡ଼ୋଶୀମାନଙ୍କ ପାଇଁ କୌଣସି ଦୁଃଖର କାରଣ ହେବାନାହିଁ ବରଂ ଆପଣ ସର୍ବଦା ଦେଖିବେ ଯେ ଯେଉଁ ଲୋକମାନେ ଏଠାକୁ ଆସୁଛନ୍ତି ସେମାନେ ଆପଣମାନଙ୍କୁ ସୁବିଧା ପହଂଚାଇବେ ଏବଂ ଆରାମ ପହଂଚାଇବେ । ଆମ ନିକଟରେ ଏହା ହେଉଛି ଇଂଟିଗ୍ରେସନ୍ ଯାହା ବାହାରୁ ଆସିଥିବା ଲୋକମାନେ ନୂଆ ଦେଶକୁ ଆସିଥିବା ଲୋକମାନଙ୍କ ମଧ୍ୟରେ ହେବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଫ୍ରାନ୍ସର ସରକାର ଏବଂ ପାଶ୍ଚାତ୍ୟ ସରକାର ଗୁଡ଼ିକ ଯେଉଁମାନେ ଏଠାରେ ବାହାରୁ ଆସିଥିବା ଅହେମଦୀମାନଙ୍କୁ ସ୍ଥାନ ଦେଇଛନ୍ତି, ଆଜାଇଲମ୍ ଦେଇଛନ୍ତି,ସେମାନଙ୍କର ଏହା ବହୁତ ବଡ଼ ଦୟା ତେଣୁ ଆମେ ସେମାନଙ୍କ କୃତଜ୍ଞତା ଜ୍ଞାପନ କରୁଅଛୁ । ବର୍ତମାନ ଏଠାରେ ଯମାତ୍ ଅହେମଦୀୟାର ଅଧିକାଂଶ ଲୋକେ ବାହାରୁ ଆସିଛନ୍ତି । ଫ୍ରାନ୍ସର ସ୍ଥାନିୟ ଲୋକମାନେ ତ ବୋଧ ହୁଏ ଜଣେ ଦୁଇଜଣ ହେବେ । ଏହି ଲୋକମାନେ କିଛି ଅସୁବିଧା ଯୋଗୁଁ ନିଜ ଦେଶକୁ ଛାଡ଼ି ଏଠାକୁ ଆସିଛନ୍ତି । ଏମାନେ ହେଉଛନ୍ତି ଏପରି ଲୋକେ ଯେଉଁମାନଙ୍କୁ ନିଜ ଦେଶରେ ଉପାସନା କରିବାର ହକ୍ ଦିଆଯାଇନାହିଁ, ଯେଉଁମାନଙ୍କୁ ଉପାସନା କରିବାପାଇଁ ରୋକଯାଇଅଛି, ଯେଉଁମାନଙ୍କୁ ନିଜ ଇଚ୍ଛା ମୁତାବକ ନିଜ ଧର୍ମ ଉପରେ କାୟମ ରହିବାରୁ, ଧର୍ମ ଶିକ୍ଷା ଉପରେ ପରିଚାଳିତ ହେବାପାଇଁ ଅନୁମତି ଦିଆଯାଇନାହିଁ । ତେଣୁ ଶେଷରେ ବିବସ ହୋଇ ସେମାନେ ଏଠାକୁ ଆସିଛନ୍ତି । ଅତଏବ ଯେତେବେଳେ ସେମାନେ ଆସିଲେ ଓ ଫ୍ରାନ୍ସ ସରକାର ସେମାନଙ୍କୁ ଅନୁମତି ଦେଲେ । ସେମାନେ ଏଠାରେ ଆବାଦ୍ ମଧ୍ୟ ହୋଇଗଲେ । ତେଣୁ ସେହି ଅହେମଦୀମାନଙ୍କର ମଧ୍ୟ ଏ କର୍ତବ୍ୟ ଯେ ସେମାନେ ଏ ଦେଶର ସେବା କରି ତାହାର ପ୍ରକୃତ ଅଧିକାରକୁ ପ୍ରଦାନ କରନ୍ତୁ ଏବଂ ଏହା ହିଁ ବାସ୍ତବିକ କୃତଜ୍ଞତା ଏବଂ ଅଲ୍ଲାଃ ତାଲା ମଧ୍ୟ ଜଣେ ପ୍ରକୃତ ମୁସଲମାନଠାରୁ ଏହା ଚାହିଁଥାଏ ଯେ ସେମାନେ କୃତଜ୍ଞ ହୁଅନ୍ତୁ । ଯଦି ସେମାନଙ୍କ ମଧ୍ୟରେ କୃତଜ୍ଞତା ନାହିଁ, ବରଂ

*ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan